## ନନ୍ଦନକାନନରେ ନୀଳଗାଈ ମୃତ

ବାରଙ୍ଗ,(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ସକାଳେ ଏକ ଅଣ୍ଡିରା ନୀଳଗାଈର ମୃତ୍ୟୁ ଘଟିଛି। ଗତ କିଛିଦିନ ହେବ ନୀଳଗାଈଟି ଟିବି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲା। ଅତ୍ୟଧିକ ଥଣ୍ଡା ପଡ଼ିବା କାରଣରୁ ଶୁକ୍ରବାର ନୀଳଗାଈଟି ମରିପଡ଼ିଥିବାର କର୍ମଚାରୀମାନେ ଏନ୍‌କ୍ଲୋଜର ସଫାକରିବାକୁ ସକାଳେ ଯାଇଥିବାବେଳେ ଦେଖିବାକୁ ପାଇଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହି ନୀଳ ଗାଈର ମୃତ୍ୟୁପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୧୫ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ମାଈ, ୨ଅଣ୍ଡିରା ଓ ୨ଟିର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ସୁଭାଷଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରସୁଲଗଡ଼ ଛକ, ସକାଳ ୯ଟା।
- ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ମାଲ୍ୟାର୍ପଣ, ଭିଏସ୍ଏସ୍ ନଗର, ସକାଳ ୯ଟା ୩୦।
- ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନ, ଏକାମ୍ରକାନନ ବଟାନିକ୍ ଗାର୍ଡେନ, ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦର ସ୍ୱାସ୍ଥ୍ୟ ସମ୍ପର୍କିତ ସମ୍ମିଳନୀ, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା ୩୦।

# ଉଦ୍ୟାନ କୃଷି ପାଇଁ ଚାଷୀ ମାନସିକତା ବଦଳିବା ଆବଶ୍ୟକ

- ଜିଲା ଉଦ୍ୟାନକୃଷି ଅଧିକାରୀଙ୍କ ସମୀକ୍ଷା ବୈଠକ
- ୩ ମାସର କାର୍ଯ୍ୟଖସଡ଼ା, ୩ ବର୍ଷର ଯୋଜନା ପ୍ରସ୍ତୁତ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

ଉଦ୍ୟାନ କୃଷିରେ ଅଳ୍ପ ଜମିରେ ଅଧିକ ଲାଭ ପାଇବାର ସୁଯୋଗ ରହିଛି। ତେଣୁ ଚାଷୀମାନେ ଅଧିକରୁ ଅଧିକ ଉଦ୍ୟାନ କୃଷି ଭିତ୍ତିକ ଚାଷ ଓ ଅର୍ଥକରୀ ଫସଲ କରିବା ନିମନ୍ତେ ମାନସିକତାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ଜିଲାର ଉଦ୍ୟାନ କୃଷି ଅଧିକାରୀମାନେ ଅନ୍ୟ ଆନୁଷଙ୍ଗିକ ବିଭାଗର ଅଧିକାରୀଙ୍କ ସହିତ ନିୟମିତ ବୈଠକ ଆୟୋଜନ କରି ସମନ୍ୱିତ କୃଷି ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଉଚିତ। ଶୁକ୍ରବାର କୃଷି ଭବନଠାରେ ଆୟୋଜିତ ଉଦ୍ୟାନ କୃଷି ଅଧିକାରୀଙ୍କ ସମୀକ୍ଷା ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଏହା କହିଛନ୍ତି। ସେ କହିଲେ, ରାଜ୍ୟରେ ଉଦ୍ୟାନ କୃଷିର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଫସଲର



ବୈଠକରେ ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟ ଅତିଥିମାନେ ।

ବିବିଧୀକରଣ କରାଯାଇ ସ୍ଥାନୀୟ ଅଞ୍ଚଳର ମୃତ୍ତିକା ଓ ଜଳବାୟୁ ଅନୁକୂଳ ଫଳ, ପନିପରିବା ଆଦି ଚାଷ କରାଯାଇ ଚାଷୀଙ୍କ ଆୟକୁ ବହୁଗୁଣିତ କରାଯାଇପାରିବ। ଏ ଦିଗରେ ଉଦ୍ୟାନ କୃଷି ଅଧିକାରୀମାନେ ବ୍ୟାପକ ସଚେତନତା ସୃଷ୍ଟି କରନ୍ତୁ। ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକମାନେ ଆଗାମୀ ୩ ମାସର କାର୍ଯ୍ୟଖସଡ଼ା ଓ ଜିଲା ନିମନ୍ତେ ୩ ବର୍ଷର ଯୋଜନା ପ୍ରସ୍ତୁତ କରି ବିଭାଗକୁ ପଠାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ କଡ଼ାକଡ଼ି ତଦାରଖ କରିବା ପାଇଁ ମନ୍ତ୍ରୀ କହିଛନ୍ତି।

ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଯୋଗଦେଇ ଅଧିକରୁ ଅଧିକ ଉଦ୍ୟାନ କୃଷି କ୍ଲଷ୍ଟର ଏବଂ ଚାରା ଉତ୍ପାଦନ ନିମନ୍ତେ ଅଧିକ ନର୍ସରି ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇଥିଲେ। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଉଦ୍ୟାନକୃଷି ଉପନିର୍ଦ୍ଦେଶକ, ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକମାନେ ଯୋଗଦେଇଥିଲେ।

## ମାଟ୍ରିକ ପରୀକ୍ଷା ପଦ୍ଧତି, ନମ୍ବର ଆବଣ୍ଟନ ନେଇ ବିଜ୍ଞପ୍ତି

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

୨୦୨୧ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ବିଭିନ୍ନ ବିଷୟର ପରୀକ୍ଷା ପଦ୍ଧତି ଓ ନମ୍ବର ଆବଣ୍ଟନ ସଂକ୍ରାନ୍ତରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ୨୦୨୧ ମଧ୍ୟମା ପରୀକ୍ଷା ପଦ୍ଧତି ନିମନ୍ତେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ପୁରୁଣା ଓ ନୂଆ ପାଠ୍ୟକ୍ରମକୁ ଭିତ୍ତିକରି ସାଧାରଣ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ବିଷୟରେ ଦୁଇ ପ୍ରକାର ପ୍ରଶ୍ନପତ୍ର ଆସିବ। ପୁରୁଣା ପାଠ୍ୟକ୍ରମର ପ୍ରଶ୍ନପତ୍ର 'ଏଚ୍ଏସ୍‌ସି' (ଏକ୍ସ-ରେଗୁଲାର୍) ଏବଂ 'ଏସ୍ଓଏସ୍‌ସି' (ବ୍ୟାକ୍) ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାବେଳେ ନୂଆ ପାଠ୍ୟକ୍ରମର ପ୍ରଶ୍ନପତ୍ର 'ଏଚ୍ଏସ୍‌ସି' (ରେଗୁଲାର୍) ଏବଂ 'ଏସ୍ଓଏସ୍‌ସି' (ସଦ୍ୟ) ପରୀକ୍ଷାର୍ଥୀଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି। ଏହାବ୍ୟତୀତ ୨୦୨୧ ବାର୍ଷିକ 'ଏଚ୍ଏସ୍‌ସି' ଏବଂ 'ଏସ୍ଓଏସ୍‌ସି' ପରୀକ୍ଷା ନିମନ୍ତେ ବାକି ସମସ୍ତ ବିଷୟର ପ୍ରଶ୍ନାବଳୀ ସବୁ ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ଏକ ପ୍ରକାରର ରହିବ। ୨୦୨୧ ମଧ୍ୟମା ପରୀକ୍ଷା ନିମନ୍ତେ ଭିନ୍ନ ଭିନ୍ନ ବର୍ଗର ପରୀକ୍ଷାର୍ଥୀଙ୍କ ନିମନ୍ତେ ସମସ୍ତ ବିଷୟର ପ୍ରଶ୍ନାବଳୀ ସମାନ ରହିବ। ଛାତ୍ରୀଛାତ୍ରମାନେ www.bseodisha.ac.in ୱେବ୍‌ସାଇଟ୍‌ରୁ ପ୍ରଶ୍ନାବଳୀର ନମ୍ବର ବଣ୍ଟନ ଏବଂ ନମୁନା ପ୍ରଶ୍ନପତ୍ର ଡାଉନଲୋଡ୍ କରିପାରିବେ।

# ସଡ଼କ ସୁରକ୍ଷା ସାଇକ୍ଲୋଥନ



ଭୁବନେଶ୍ୱର,୨୨।୧(ବ୍ୟୁରେ):

୩୨ତମ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଶୁକ୍ରବାର ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ସାଇକ୍ଲୋଥନର ଆୟୋଜନ କରାଯାଇଥିଲା। ସକାଳେ ସାଇକ୍ଲିଷ୍ଟମାନେ ସଚେତନତା ବାର୍ତ୍ତା ନେଇ ସହର ପରିକ୍ରମା କରିଥିଲେ। ପରିବହନ କମିଶନର ଶିବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ୍ କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଏସ୍ଆର୍‌ଟିସିର ସିଏମ୍‌ଡି ଅରୁଣ ବୋଥ୍ରା, ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ହେଲ୍‌ମେଟ ପିନ୍ଧିବା ଓ ସିଟ୍ ବେଲ୍ଟ ବାନ୍ଧି ଗାଡ଼ି ଚଳାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଟିଓ-୧ ପ୍ରଦୀପ କୁମାର ମହାନ୍ତି, ଆରଟିଓ-୨ ବି.ଏନ୍. ଅଧିକାରୀ, ଡେ଼ପୁଟି କମିଶନର ସଞ୍ଜୟ କୁମାର ବିଶ୍ୱାଳ, ଟ୍ରାଫିକ ପୋଲିସ୍ ଅଧିକାରୀଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ସାଇକ୍ଲିଷ୍ଟ ଭାଗ ନେଇଥିଲେ।

## ଗୋଦାମ ଡ୍ରୟାରରୁ ଦେଢଲକ୍ଷ ଟଙ୍କା ଚୋରି

ଭୁବନେଶ୍ୱର,୨୨।୧(ବ୍ୟୁରେ):

ଏୟାରପୋର୍ଟ ଥାନା ଅନ୍ତର୍ଗତ ପଳାଶପଲ୍ଲୀ ବିଡିଏ କଲୋନୀ ଏ-୩୭ସ୍ଥିତ ଶ୍ରୀରାମ ଟ୍ରେଡର୍ସ ଗୋଦାମରୁ ଗୁରୁବାର ଚୋରି ହୋଇଛି। ବିଳମ୍ବିତ ରାତିରେ ୪ଜଣ ଦୁର୍ବୃତ୍ତ ମୁଖାପିନ୍ଧି ଉକ୍ତ ଇଲେକ୍ଟ୍ରିକ୍ ବଲ୍‌ବ ଗୋଦାମ ଡ୍ରୟାରରୁ ଦେଢଲକ୍ଷ ଟଙ୍କା ସହ ବହୁ କାଗଜପତ୍ର ଚୋରି କରିନେଇଛନ୍ତି। ଦୁର୍ବୃତ୍ତମାନେ କମ୍ପାନୀର ମୁଖ୍ୟ ଗେଟ୍ ଭାଙ୍ଗି ଭିତରକୁ ପଶିବା ସହ ଅଫିସରେ ଲାଗିଥିବା ୨ ସିସି ଟିଭି କ୍ୟାମେରା ଭାଙ୍ଗି ଏପରି କାଣ୍ଡ ଘଟାଇଛନ୍ତି। କମ୍ପାନୀ ପ୍ରୋପାଇଟର ରମେଶ କୁମାର ଦାସ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସିସିଫୁଟେଜ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ରାତିରେ କମ୍ପାନୀ ଜଗିବାକୁ କେହି ସିକ୍ୟୁରିଟି ଗାର୍ଡ ନାହାନ୍ତି। ଏତେ ଟଙ୍କା କର୍ମଚାରୀମାନେ ଡ୍ରୟାରରେ କାହିଁକି ରଖି ପଳାଇଥିଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏଥିରେ କମ୍ପାନୀର କେହି କର୍ମଚାରୀଙ୍କ ସମ୍ପୃକ୍ତି ରହିଛି କି ନାହିଁ ସେ ନେଇ ପୋଲିସ ଖୋଳତାଡ଼ କରୁଛି ।

# ସ୍ୱାସ୍ଥ୍ୟ ଅଭିବୃଦ୍ଧିରେ ନୂଆ ରାହା ଦେଖାଇବାକୁ ପ୍ରୟାସ

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

**ହାଇବ୍ରିଡ୍ ମିଡ୍‌ଟର୍ମ ଏଣ୍ଡୋକନ୍ -୨୦୨୧ ଉଦ୍‌ଘାଟିତ**

ପ୍ରଥମଥର ପାଇଁ ଭୁବନେଶ୍ୱରରେ ଆୟୋଜିତ ହୋଇଛି ଅନ୍ତର୍ଜାତୀୟ ସମ୍ମିଳନୀ 'ହାଇବ୍ରିଡ୍ ମିଡ୍‌ଟର୍ମ ଏଣ୍ଡୋକନ୍ ୨୦୨୧'। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଏହି ସମ୍ମିଳନୀକୁ ପଦ୍ମଶ୍ରୀ, ପଦ୍ମଭୂଷଣ ଡା. ଡି. ନାଗେଶ୍ୱର ରେଡ୍ଡୀ ଉଦ୍‌ଘାଟନ କରିଛନ୍ତି। ଡା. ସନ୍ଦୀପ ଲାଖଟକିଆ, ଡା. ଏସ୍.ପି.ସିଂହଙ୍କ ସମେତ ଦେଶବିଦେଶରୁ ୧୫ହଜାରରୁ ଉର୍ଦ୍ଧ୍ୱ ଡାକ୍ତର ଯୋଗଦେଇଛନ୍ତି। ଏଣ୍ଡୋସ୍କୋପିଷ୍ଟ, ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିଷ୍ଟ, ଫିଜିସିଆନ୍‌ମାନେ ସେମାନଙ୍କ ଅଭ୍ୟାସ ଜ୍ଞାନକୁ ସମୃଦ୍ଧ କରିବା ପାଇଁ ସନ୍ଦର୍ଭ ଉପସ୍ଥାପନ କରିବା ସହ ପ୍ରଶିକ୍ଷଣ ଶିବିର ଏବଂ ଲାଇଭ୍ ସର୍ଜରି ୱାର୍କଶପ ଜରିଆରେ ଅଭିଜ୍ଞତା ବଖାଣୁଛନ୍ତି। ଏହାସହ ଭର୍ଚୁଆଲରେ ଦେଶ ବିଦେଶର ପ୍ରତିନିଧି ସମ୍ମିଳନୀରେ ସାମିଲ ହୋଇ ସ୍ୱାସ୍ଥ୍ୟ ଅଭିବୃଦ୍ଧି ଦିଗରେ ନୂତନ ରାହା ଦେଖାଇବାକୁ ପ୍ରୟାସ କରିଛନ୍ତି।

ଉଦ୍‌ଘାଟନୀ ଅବସରରେ ସମ୍ମିଳନୀରେ ଦେଖିବାକୁ ମିଳିଥିଲା ଓଡ଼ିଶାର କଳା ଓ ସଂସ୍କୃତି। ବାଲୁକା ଶିଳ୍ପୀ ମାନସ ସାହୁ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାର କଳା ସଂସ୍କୃତି ବାବଦରେ ସୂଚନା ଦେଇଥିବାବେଳେ ସମ୍ମିଳନୀ ଆରମ୍ଭରେ ଜାତୀୟ ସଙ୍ଗୀତ, ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ, ଗୁରୁ ପୀତାମ୍ବର ବିଶ୍ୱାଳଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ନୃତ୍ୟକୁ ଅତିଥିମାନେ ଉପଭୋଗ କରିଥିଲେ। ସୋସାଇଟି ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏଣ୍ଡୋସ୍କୋପି ଅଫ୍ ଇଣ୍ଡିଆ (ଏସ୍‌ଜିଇଆଇ) ପକ୍ଷରୁ ହେଉଥିବା ଏହି ସମ୍ମିଳନୀ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପେଟରୋଗ ବିଶେଷଜ୍ଞ ତଥା ଲିଭର ଆଣ୍ଡ ଗ୍ୟାଷ୍ଟ୍ରୋ ସ୍ପେଶାଲିଷ୍ଟ ଡା. ମନୋଜ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଡା. ଅବିନାଶ ବାଲେକୁଦ୍ଦୁରୁଙ୍କ ପରିଚାଳନାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି।


ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଯୋଗ ଦେଇଥିବା ଅତିଥିମାନେ ।

# ଇଓଡବ୍ଲ୍ୟୁ ଅଫିସ ଘେରିଲେ ସୈନିକ ପରିବାର

ଭୁବନେଶ୍ୱର,୨୨।୧(ବ୍ୟୁରୋ)

**ଜମି ଦେବା ଆଳରେ ୩୫ କୋଟି ଠକେଇ**

ଭୁବନେଶ୍ୱର ଉପକଣ୍ଠରେ ଜାଗା ଯୋଗାଇ ଦେବା ଆଳରେ ୩୫ କୋଟି ଠକେଇ ମାମଲାରେ ନ୍ୟାୟ ପାଇବା ପାଇଁ ୫୪୨ଜଣ କ୍ଷତିଗ୍ରସ୍ତ ସୈନିକ ପରିବାର ପକ୍ଷରୁ ଶୁକ୍ରବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହ ସେମାନେ ସେଠାରେ ଧାରଣା ଦେଇଥିଲେ। ଠକେଇରେ ସମ୍ପୃକ୍ତ ସୈନିକ ୱେଲ୍‌ଫେୟାର ଅର୍ଗାନାଇଜେଶନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ କଲୋନେଲ ରାକେଶ ରାଣା ଓ ରିୟଲଇଷ୍ଟେଟ୍ କମ୍ପାନୀ ବୁକ୍ସନ ଇନ୍‌ଫ୍ରାର ଏମଡି ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଜମା ଟଙ୍କା ଫେରସ୍ତ ପାଇଁ ସଂଘ ଦାବି କରିଛି। ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେଇ ଇଓଡବ୍ଲ୍ୟୁ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ମୁତାବକ, ଲ୍ୟୁଟ୍‌ନାଣ୍ଟ କଲୋନେଲ ରାଣା ଓ ରିୟଲଇଷ୍ଟେଟ କମ୍ପାନୀ ଏମ୍‌ଡି ପଣ୍ଡା ରାଜଧାନୀ ଉପକଣ୍ଠରେ ସୁଲଭ ଦରରେ ଜମି ଦେବାକୁ ପ୍ରତିଶ୍ରୁତି ଦେଇ ୨୦୧୧ରେ ରାଜ୍ୟ ତଥା ରାଜ୍ୟ ବାହାରର ୫୪୨ଜଣ ସୈନିକ ପରିବାରଠାରୁ ୩୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଜମି ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ସଂସ୍ଥାର କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିବାବେଳେ ଅଭିଯୁକ୍ତଦ୍ୱୟ ଜମାକାରୀଙ୍କୁ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ଜମାକାରୀମାନେ ୨୦୧୫ରେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହେବା ପରେ ୨ ଅଭିଯୁକ୍ତ ଗିରଫ ହୋଇଥିଲେ। ଜାମିନରେ ୨ ଅଭିଯୁକ୍ତ ଫେରିବା ପରେ ଜମାକାରୀଙ୍କ ଟଙ୍କା ଫେରସ୍ତ କରୁନାହାନ୍ତି। ଟଙ୍କା ଫେରସ୍ତ ସହ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରି ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଇଓଡବ୍ଲ୍ୟୁ ନିକଟରେ ଜମାକାରୀମାନେ ଦାବି କରିଥିଲେ।

## ଲୁଟେରାଙ୍କ ପକେଟରୁ ମିଳିଲା ବ୍ରାଉନସୁଗାର, ଗଞ୍ଜେଇ

ଭୁବନେଶ୍ୱର,୨୨।୧(ବ୍ୟୁରେ):

ଲୁଟ୍ ଅଭିଯୋଗରେ ଜେଲ୍ ଯାଇଥିଲେ। ୩ ଦିନ ତଳେ ଜେଲ୍‌ରୁ ବାହାରି ପୁଣି ଲୁଟ୍ ଆରମ୍ଭ କରିଥିଲେ। ଶୁକ୍ରବାର ଜଣେ ଯୁବତୀଙ୍କ ବ୍ୟାଗ୍ ଛଡାଇନେଇ ପଳାଉଥିବାବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ି ନିସ୍ତୁକ ମାଡ଼ ଖାଇଛନ୍ତି। ଯୁବକ ଜଣକ ନିଶାସକ୍ତ ଥିବାବେଳେ ତାଙ୍କ ପକେଟ୍‌ରୁ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ମିଳିଛି। ଖଣ୍ଡଗିରି ପିସିଆର ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବାରୁ ପୁରୁଣା ଅପରାଧ ରେକର୍ଡ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଯୁବତୀ ଜଣକ ବରମୁଣ୍ଡା ଯାଉଥିବା ସମୟରେ ଅଭିଯୁକ୍ତ ତାଙ୍କ ପିଛା କରି କାଳିମନ୍ଦିର ନିକଟରେ ବ୍ୟାଗ୍ ଛଡାଇଥିଲେ। ପାଟିଶୁଣି ନିକଟରେ ଭୋଜି କରୁଥିବା ଯୁବକମାନେ ସେଠାରେ ପହଞ୍ଚି ଖସି ଯାଉଥିବା ଲୁଟେରାଙ୍କୁ କାବୁ କରିଥିଲେ।

# ଉଚ୍ଛେଦ, ଥଇଥାନକୁ ବିରୋଧ ଜାରି

ଭୁବନେଶ୍ୱର,୨୨।୧(ବ୍ୟୁରୋ)

**୩ଦିନ ପରେ ପୁଣି ହେବ ଉଚ୍ଛେଦ**

ସ୍ଲମ୍ ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ ପାଇଁ ଗାଡ଼କଣ ମହାବୀର ବସ୍ତି ଉଚ୍ଛେଦ କରାଯାଉଛି। ଏଠାରେ ଥିବା ୧୦୪ ପରିବାରଙ୍କୁ ସ୍ଥାନୀୟ ମହିମାନଗର ବସ୍ତିରେ ଥଇଥାନ ବେଳେ ଗ୍ରାମବାସୀ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ୨ଦିନ ଧରି ମୁହାଁମୁହିଁ ହେବା ପରେ ଏହି କାର୍ଯ୍ୟକୁ ବନ୍ଦ କରାଯାଇଛି। ଗାଡ଼କଣବାସୀ ବିରୋଧ ଜାରି ରଖିଥିବାବେଳେ ସରକାରୀ ଜାଗାରେ ଥିବା ଲୋକେ ୩ଦିନ ଭିତରେ ଘର ଖାଲି କରିବାକୁ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ମାଇକ ଯୋଗେ ସୂଚନା ଦିଆଯାଇଛି। ଶୁକ୍ରବାର ତୃତୀୟ ଦିନରେ ମଞ୍ଚେଶ୍ୱର ଥାନା ପୋଲିସ, ବିଏମ୍‌ସି ଓ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ମହିମା ବସ୍ତି ଉଚ୍ଛେଦ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ଯେ, ଗାଡ଼କଣ ଗ୍ରାମର ଚତୁଃପାର୍ଶ୍ୱରେ କେତେଜଣ ଜମି ମାଫିଆ ଓ ଅସାଧୁ ବ୍ୟକ୍ତିଙ୍କ ସହାୟତାରେ ୨୦ରୁ ଉର୍ଦ୍ଧ୍ୱ ବସ୍ତି ସ୍ଥାପନ ହୋଇଛି। ବର୍ତ୍ତମାନ ଗାଡ଼କଣ ଗ୍ରାମର ପ୍ରାୟ ୨୦୦ ବର୍ଷର ସ୍ଥାୟୀ ବାସିନ୍ଦାଙ୍କ ଜମି ଓ ବଗିଚାକୁ ଲଗାଇ ଭଙ୍ଗାରୁଜା କାର୍ଯ୍ୟ ୨ଦିନ ହେବ ଚାଲିଛି। ଗ୍ରାମକୁ ବସ୍ତି ଦ୍ୱାରା ଘେରାବନ୍ଦୀ କରାଯାଉଛି। ଆଗକୁ ଅପରାଧୀଙ୍କ ସଂଖ୍ୟା ବଢିବା ସହ ଶାନ୍ତି ବାତାବରଣ ନଷ୍ଟ ହେବ। ଗାଡ଼କଣରେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। କିନ୍ତୁ ସୈନିକ ସ୍କୁଲ ପାଚେରି ପାର୍ଶ୍ୱରେ ଡମ୍ପିୟାର୍ଡ, କଂସେଇଖାନା, ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟଠାରୁ ଆରମ୍ଭ କରି ଚନ୍ଦ୍ରଶେଖରପୁର ଅଞ୍ଚଳରେ ବିଷାକ୍ତ ନଳା ପାଣି ଛାଡି ଚାଷ ଜମି ନଷ୍ଟ ହେଉଛି। ଏପରି ଅବସ୍ଥାରେ ବିଏମ୍‌ସି, ବିଡିଏ ଓ ପୋଲିସ ମିଶି ପ୍ରତିଦିନ ଆତଙ୍କରାଜ ଚଳାଇଛନ୍ତି। ତେଣୁ ଏହାର ସ୍ଥାୟୀ ସମାଧାନ ନ କରି ବସ୍ତି ଉଚ୍ଛେଦ କରାଗଲେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେ ନେଇ ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ ଗଣମାଧ୍ୟମକୁ କହିଛନ୍ତି। ତେବେ ଏ ନେଇ ବିଡିଏ ଏନଫୋର୍ସ ଅଧିକାରୀ ପ୍ରମୋଦ କୁମାର ପାତ୍ର କହିଛନ୍ତି, କାହାର ବ୍ୟକ୍ତିଗତ ସ୍ଥାନକୁ ଏନ୍‌ଫୋର୍ସମେଣ୍ଟ ଟିମ ଅଧିକୃତ କରୁନାହାନ୍ତି। ସରକାରୀ ଜାଗାକୁ ବଳପୂର୍ବକ ଅଧିକାର କରିଥିବା ବ୍ୟକ୍ତିବିଶେଷଙ୍କ ଜମିକୁ ଉଚ୍ଛେଦ କରାଯାଉଛି। ବସ୍ତି ଥଇଥାନ ନେଇ ସରକାରୀ ପ୍ରକଳ୍ପ ପାଇଁ ବସ୍ତିବାସୀଙ୍କୁ ଜରୁରିକାଳୀନ ଥଇଥାନ କରାଯାଉଛି। ଆଇନକୁ ହାତକୁ ନେଉଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଘଟଣାସ୍ଥଳରେ ଉପସ୍ଥିତ ପୋଲିସ, ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଅଧିକାରୀ ଓ ଗ୍ରାମବାସୀ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୈଳାସ


@ ଅନ୍ତର୍ଯ୍ୟାମୀ


@ ସନ୍ତୋଷ


@ ନାରାୟଣ


@ ଲକ୍ଷ୍ମୀଧର


@ ସମୀର


@ ସାଗରିକା


@ ଚିତ୍ତରଞ୍ଜନ

## ଦୋକାନରେ ଚଢ଼ାଉ, ୭୭୦୦ ଟଙ୍କାର ରାଜସ୍ୱ ଆଦାୟ

ବାଙ୍କୀ,(ସ୍ୱ.ପ୍ର):ବାଙ୍କୀ ମୁଖ୍ୟ ବଜାରରେ ଖାଦ୍ୟ ସୁରକ୍ଷା, ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଶୁକ୍ରବାର ମିଳିତଭାବେ ଚଢ଼ାଉ କରାଯାଇଛି। ଏହି ଅବସରରେ ବିଭିନ୍ନ ମସଲା ଦୋକାନ, ଫାଷ୍ଟ ଫୁଡ଼, ଜଳଖିଆ, ପାନ ଓ ଫଳମୂଳ ଦୋକାନ ଉପରେ ଚଢ଼ାଉ କରାଯାଇ ୭୭୦୦ ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ଜରିମାନା ଭୟରେ ବହୁ ତେଜରାତି ଓ ଫାଷ୍ଟଫୁଡ ଦୋକାନୀ ଦୋକାନ ବନ୍ଦ କରିଦେଇଥିଲେ। କଟକ ଗ୍ରାମାଞ୍ଚଳ ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଫାର୍ମାସିଷ୍ଟ ଦେବେନ୍ଦ୍ର ପ୍ରସାଦ ମହାନ୍ତି, ଅବକାରୀ ଏସ୍‌ଆଇ ତିଲେସଫର ଲାଖ୍ରା ଓ ବାଙ୍କୀ ପୋଲିସ ଉପସ୍ଥିତ ଥିଲେ।

# ଆଜି ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବେ

### ଖାନ୍‌ନଗରରେ ହେବ ବିଶ୍ୱସ୍ତରୀୟ ବସ୍ ଟର୍ମିନାଲ

- ପ୍ରସ୍ତାବିତ ଅଞ୍ଚଳ ବୁଲିଲେ ମନ୍ତ୍ରୀ, ଆର୍‌ଡିସି, ଜିଲାପାଳ, ସିଏମ୍‌ସି କମିଶନର ଓ ଅନ୍ୟମାନେ
- ଦେଢ଼ ବର୍ଷ ମଧ୍ୟରେ ସରିବ ପ୍ରକଳ୍ପ

କଟକ ଅଫିସ,୨୨।୧

କଟକ ଖାନ୍‌ନଗର ଅଞ୍ଚଳର ୧୨ ଏକର ପରିମିତ ଜମିରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହାର ଶିଳାନ୍ୟାସ କରିବେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନକୁ ଯିବେ। ପରେ ଖାନ୍‌ନଗରଠାରେ ହେବାକୁ ଥିବା ବସ୍ ଟର୍ମିନାଲର ଶିଳାନ୍ୟାସ କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ଶୁକ୍ରବାର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଇନମନ୍ତ୍ରୀ ପ୍ରତାପ ଜେନା, ଆର୍‌ଡିସି ଅନିଲ ସାମଲ, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଡିସିପି ପ୍ରତୀକ୍ ସିଂ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅବ୍ଦଲ ଅଖତର, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ସୁଶାନ୍ତ ଘଡ଼େଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡ଼ଙ୍ଗୀ, ବିଧାୟକ ସୌଭିକ ବିଶ୍ୱାଳ, ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପ୍ରଭାତ ତ୍ରିପାଠୀ, ଓଡ଼ିଶା ମୋ ପରିବାର ସଂଯୋଜକ ରଞ୍ଜନ ବିଶ୍ୱାଳ, ଅରିନ୍ଦମ ରୟଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ପ୍ରସ୍ତାବିତ ଟର୍ମିନାଲ ଅଞ୍ଚଳ ବୁଲି ଦେଖିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା କହିଥିଲେ, ଏହା ଏକ ବିଶ୍ୱସ୍ତରୀୟ ବସ୍‌ଷ୍ଟାଣ୍ଡ ହେଉଥିବାରୁ ଏଠାରେ ଯାତ୍ରୀମାନଙ୍କ ନିମନ୍ତେ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିବ। ଏହି ବସଷ୍ଟାଣ୍ଡକୁ ଲାଗି ଯେଉଁ ରିଂ ରୋଡ ରହିଛି ତାହାକୁ ୨ କିମି ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇ ୬ ଲେନ ବିଶିଷ୍ଟ କରାଯିବ। ଏହି ପ୍ରକଳ୍ପ ଦେଢ ବର୍ଷ ମଧ୍ୟରେ ଶେଷ ହେବା ପାଇଁ ଯୋଜନା ରହିଛି ବୋଲି ମନ୍ତ୍ରୀ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


ମନ୍ତ୍ରୀ ପ୍ରତାପ ଜେନା ଓ ପ୍ରଶାସନିକ ଅଧିକାରୀ ଶିଳାନ୍ୟାସ ସ୍ଥଳ ଅନୁଧ୍ୟାନ କରୁଛନ୍ତି।

### ବସ୍ ଟର୍ମିନାଲରେ କ'ଣ ସୁବିଧା ରହିବ

୧୨ ଏକର ଜମିରୁ ୨ ଏକର ଜମିରେ ଏକ ଶପିଂମଲ ନିର୍ମାଣ ହେବ। ବସ୍ ଟର୍ମିନାଲରେ ଯାତ୍ରୀଙ୍କ ସୁବିଧା ପାଇଁ ସବୁ ପ୍ରକାରର ବ୍ୟବସ୍ଥା ରହିବ। ଏଥିରେ ଏକ ବୃହତ୍ ଟର୍ମିନାଲ ବିଲ୍ଡିଂ, ସାଧାରଣ ଯାତ୍ରୀବାହୀ ବସ୍ ସକାଶେ ସ୍ଥାନ, ସ୍ଥାନୀୟ ଓ ମୋ ବସ୍ ସେବା ଲାଗି ସ୍ଥାନ, ଯାନ ମରାମତି, ରକ୍ଷଣାବେକ୍ଷଣ ବ୍ଲକ, ୪ ଚକିଆ ଯାନ ଓ ଅଟୋ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ୧ ଲକ୍ଷ ୧୮ ହଜାର ବର୍ଗଫୁଟରେ ୩ ମହଲା ବିଶିଷ୍ଟ ଟର୍ମିନାଲ ବିଲ୍ଡିଂ ନିର୍ମାଣ କରାଯାଇ ଫୁଡ୍‌କୋର୍ଟ, ଟିକଟ ଗୃହ, ଇ-ଯାନ ଚାର୍ଜିଂ ପଏଣ୍ଟ, ଛାତ ଉପରେ ବର୍ଷାଜଳ ସଂରକ୍ଷଣ, ସୌର ପ୍ୟାନେଲ ବ୍ୟବସ୍ଥା କରାଯିବ। ଏଥିସହ ଏକକାଳୀନ ୧୮୦ଟି ବସ୍ ପାର୍କିଂର ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କ ଅର୍ବାନ ଡିପାର୍ଟମେଣ୍ଟ ପକ୍ଷରୁ ଏହାର ବ୍ୟୟବରାଦ କରାଯାଇଥିବାବେଳେ ଏହାର ପରିଚାଳନା ଦାୟିତ୍ୱ ସିଡିଏକୁ ଦିଆଯିବାକୁ ସ୍ଥିର ହୋଇଛି।

### ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ କାର୍ଯ୍ୟକ୍ରମ

ଜିଲା ପ୍ରଶାସନର ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାଶନାଲ ଏୟାର ପୋର୍ଟରୁ ହେଲିକପ୍ଟର ଯୋଗେ ଆସି ୧୦.୪୫ ମିନିଟରେ କଟକ ସନ୍‌ସାଇନ ପଡ଼ିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ପରେ ସେ ସଡ଼କ ପଥରେ ଆସି ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପହଞ୍ଚି ଜାତୀୟ ପତାକା ଉତ୍ତୋଳନ କରିବା ସହ ନେତାଜୀଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପରେ ୧୧ଟା ୧୦ ମିନିଟ୍‌ରେ ନେତାଜୀ ସଂଗ୍ରହାଳୟ ଛାଡ଼ିବେ। ୧୧ଟା ୨୦ ମିନିଟରେ ବସ୍ ଟର୍ମିନାଲ ନିର୍ମାଣ ସ୍ଥଳରେ ପହଞ୍ଚି ଶିଳାନ୍ୟାସ କରିବେ। ଏହାପରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି।

### ପୋଲିସ ପକ୍ଷରୁ ମକ୍‌ଡ୍ରିଲ

ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ପକ୍ଷରୁ ଶୁକ୍ରବାର ୧ଘଣ୍ଟା ପାଇଁ ମକ୍‌ଡ୍ରିଲ କରାଯାଇଥିଲା। ପୋଲିସ କମିଶନର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଡିସିପି ସିଂଙ୍କ ଉପସ୍ଥିତିରେ ୧୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଶନିବାର ଏହି ୧୪ ପ୍ଲାଟୁନ ଫୋର୍ସମୁତୟନ ରହିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ଡିସିପି ସିଂ କହିଛନ୍ତି।

## ନ'ବେଢ଼ା ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚନ

ଖୁଣ୍ଟୁଣୀ, ୨୨।୧(ଡି.ଏନ୍.ଏ.)

ଆଠଗଡ଼ ନ'ବେଢ଼ା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ରାଧାଦାମୋଦରପୁର ସ୍ଥିତ ଜମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସଭ୍ୟ ବିମ୍ବାଧର ନାୟକ ସଭାପତିତ୍ୱ କରିଥିଲେ। ଆସନ୍ତା ୩ ବର୍ଷ ପାଇଁ ସଭାପତି ଭାବେ ଅଧିକାରୀ ପଣ୍ଡା, କାର୍ଯ୍ୟକାରୀ ସଭାପତି ବିମ୍ବାଧର ନାୟକ, ଉପସଭାପତି ବସନ୍ତ କୁମାର ସାହାଣୀ, ସୁଶ୍ରୀ ରମ୍ଭାବତୀ ସାହୁ, ଗୁରୁଚରଣ ପ୍ରଧାନ, ବିଷ୍ଣୁ ଚରଣ ପତ୍ରୀ ଓ ସଚ୍ଚିଦାନନ୍ଦ ପଣ୍ଡା, ସାଧାରଣ ସମ୍ପାଦକ ଶରତ ଖୁଣ୍ଟିଆ, ଯୁଗ୍ମ ସମ୍ପାଦକ କୁମରମଣି ଷଣ୍ଢ, ସହ ସମ୍ପାଦକ ବିପ୍ର ଚରଣ ବେହେରା, ସଙ୍ଗଠନ ସମ୍ପାଦକ ଜଗନ୍ନାଥ ଧଳ, ସହକାରୀ ସଙ୍ଗଠନ ସମ୍ପାଦକ ନିମାଇଁ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ରବିନ ମହାରଣା ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଭାଗୀରଥି କର, ଡ. ଗୋଲୋକାନନ୍ଦ ପତ୍ରୀ, ଡ. ନାରାୟଣ ପ୍ରସାଦ ଦାସ, ମାଗୁଣି ଚରଣ ରାଉତ, ପ୍ରତାପ କିଶୋର ମହାପାତ୍ର, ବିଚିତ୍ରାନନ୍ଦ ତ୍ରିପାଠୀଙ୍କ ସମେତ କାର୍ଯ୍ୟକାରୀ କମିଟିକୁ ୧୧ ଜଣ ସଭ୍ୟ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ବୋଲି ସାଧାରଣ ସମ୍ପାଦକ ଖୁଣ୍ଟିଆ କହିଛନ୍ତି।

## ସଂକ୍ଷେପରେ

### ମାହାଙ୍ଗା ଡବଲ ମର୍ଡର ଘଟଣା କୋର୍ଟରେ ଆତ୍ମସମର୍ପଣ କଲେ ନବମ ଅଭିଯୁକ୍ତ

ନିଶ୍ଚିନ୍ତକୋଇଲି,୨୨।୧(ସ୍ୱ.ପ୍ର.) କଟକ ଜିଲା ମାହାଙ୍ଗା ବ୍ଲକ ଡବଲମର୍ଡର ଘଟଣାରେ ଶୁକ୍ରବାର ନବମ ଅଭିଯୁକ୍ତ ସାଲେପୁର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ମାହାଙ୍ଗାସ୍ଥିତ ନୃତାଙ୍ଗ ଗ୍ରାମର ମଳୟ ବାରିକ। ଜାମିନ ଆବେଦନ କରି ନ ଥିବାରୁ ତାଙ୍କୁ ଶିଶୁଆ ସବ୍‌ଜେଲକୁ ପଠାଇଦିଆଯାଇଛି। ପୂର୍ବରୁ ଏହି ମାମଲାରେ ୮ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଆଉ ୩ ଅଭିଯୁକ୍ତଙ୍କ ପୋଲିସ ଟେର ପାଉ ନ ଥିବା ବେଳେ ଅନ୍ୟତମ ଅଭିଯୁକ୍ତ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଏପର୍ଯ୍ୟନ୍ତ ଜେରା କରାଯାଇ ନାହିଁ। ଡିଜିପି ଅଭୟ ୧୫ ଦିନ ଭିତରେ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଘଟଣାକୁ ୨୦ ଦିନ ବିତିଯାଇଛି। ସୂଚନାଯୋଗ୍ୟ, ଜାନୁୟାରୀ ୨ରେ ମାହାଙ୍ଗା ଭାଜପା ନେତା କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ନୃତାଙ୍ଗ ଗ୍ରାମର ଉଁକେଟ ନିକଟରେ ବୀଭତ୍ସଭାବେ ହତ୍ୟା କରାଯାଇଥିଲା। ଏନେଇ କୁଳମଣିଙ୍କ ପୁଅ ରମାକାନ୍ତଙ୍କ ଅଭିଯୋଗ କ୍ରମେ ମାମଲା (ନଂ ୫/୨୧)ରୁଜୁ ହୋଇଛି।

### ସ୍ମୃତିରଞ୍ଜନ ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସଂଯୋଜକ

କଟକ ଅଫିସ, ୨୨।୧: କଟକ ନଗର ଭାଜପା ଯୁବ ସଙ୍ଗଠକ ସ୍ମୃତିରଞ୍ଜନ ମିଶ୍ରଙ୍କୁ ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ସେ ଯୁବମୋର୍ଚ୍ଚା ମଣ୍ଡଳ ଏବଂ ଜିଲାସ୍ତରରେ ଦାୟିତ୍ୱ ବହନ କରିବା ସହ ରାଜ୍ୟ ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ଆଗାମୀ ଦିନରେ କଟକ ସହରର ବିଭିନ୍ନ ସମସ୍ୟା, ଯୁବକ ଏବଂ ଛାତ୍ରମାନଙ୍କ ସମସ୍ୟା ସହ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସ୍ମୃତିରଞ୍ଜନ କହିଛନ୍ତି।

### ଫେବୃୟାରୀ ୩ରେ ପଞ୍ଚାୟତ ସମିତି ବୈଠକ

କଟକ ସଦର, ୨୨।୧(ଡି.ଏନ୍.ଏ.): କଟକ ସଦର ପଞ୍ଚାୟତ ସମିତିର ସାଧାରଣ ବୈଠକ ଆସନ୍ତା ଫେବୃୟାରୀ ୩ରେ ଅନୁଷ୍ଠିତ ହେବ। ଏ ନେଇ ବିଡିଓ ତଥା ପଞ୍ଚାୟତ ସମିତି ସମ୍ପାଦକ ରାଜୀବ ଲୋଚନ ପରିଡା ବିଜ୍ଞପ୍ତି ଜାରି କରିଛନ୍ତି। ଏହି ବୈଠକରେ ୨୦୧୮ରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ପଞ୍ଚାୟତ ସମିତି ଅଂଶଧନରେ ହେବାକୁ ଥିବା ପ୍ରକଳ୍ପ ମଞ୍ଜୁରୀ, ଖାଲି ପଡିଥିବା ରାତ୍ର ଜଗୁଆଳ ଓ ସୁଇପର ପଦବୀ ପାଇଁ ଅସ୍ଥାୟୀ ନିଯୁକ୍ତିକୁ ମଞ୍ଜୁରୀ, ପଞ୍ଚାୟତ ସମିତିର ବିଭିନ୍ନ କାର୍ଯ୍ୟରୁ କାଟି ରଖାଯାଉଥିବା ୧ ପ୍ରତିଶତ ଅର୍ଥରୁ ବ୍ୟୟ ବରାଦ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

### ଭାଜପା ପ୍ରତିନିଧି ମଣ୍ଡଳୀର ମଣ୍ଡି ପରିଦର୍ଶନ

କଟକ ସଦର, ୨୨।୧(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଧୀନ କୂଳସରିତୁଆଁ ସେବା ସମବାୟ ସମିତିର ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାଜପା ସମବାୟ ସେଲ୍‌ର ସଂଯୋଜକ ବିଜୟ କୁମାର ରାଉତରାୟଙ୍କ ନେତୃତ୍ୱରେ ସଦସ୍ୟମାନେ ପହଞ୍ଚି ଧାନ କ୍ରୟରେ କେନ୍ଦ୍ରର ଭୂମିକା, ମୂଲ୍ୟ ଓ ମଣ୍ଡିରେ ଚାଷୀମାନଙ୍କ ସୁବିଧା ସମ୍ପର୍କରେ ଉପସ୍ଥିତ ୩୩ ଜଣ ଚାଷୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଜଗନ୍ନାଥ ଜେନା, ବନ୍ଧୁ ଚରଣ ସାହୁ, ରଶ୍ମିରଞ୍ଜନ ରାଉତ ଓ ପୂର୍ବତନ ସମିତିସଭ୍ୟ ଲକ୍ଷ୍ମୀଧର ବାରିକ ଉପସ୍ଥିତ ଥିଲେ।

### କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀଙ୍କ ବିକ୍ଷୋଭ

ସାଲେପୁର,୨୨।୧( ଡି. ଏନ.ଏ): ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ସାଲେପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଓଡ଼ିଶା କୃଷକ ସଭା କଟକ ଜିଲା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ନେତୃତ୍ୱ ସଂଗଠନର ଉପସଭାପତି ବଦ୍ରିନାରାୟଣ ଦାଶ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଜିଲା କମିଟି ସଭାପତି ମଧୁସୂଦନ ପତି, ସମ୍ପାଦକ ଉମ୍ବଧର ସାହୁ, ସଜେନ୍ଦ୍ର ବେହେରା,ବାସୁଦେବ ଓଝା,କ୍ଷୀରୋଦ ମଲ୍ଲିକ,ଅଲେଖ ବେହେରା ଓ ଶ୍ରମିକ ନେତା ପୀତାମ୍ବର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ସମାଲୋଚନା କରାଯାଇଥିଲା।



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପାଚେରିରେ ନେତାଜୀଙ୍କ ଆଧ୍ୟାତ୍ମିକ ଜୀବନୀକୁ ନେଇ ଚିତ୍ର ଅଙ୍କା ଯାଇଛି।

## ଚିକିତ୍ସାଧୀନ ଅବସ୍ଥାରେ ଖବରକାଗଜ ବିତରକଙ୍କ ପରଲୋକ

ବାଲିଅନ୍ତା,୨୨।୧(ଡି.ଏନ୍.ଏ.): ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ବାଲିଅନ୍ତାର ଖବରକାଗଜ ବିତରକ ଭବାନୀ ଶଙ୍କର ନାୟକ(୩୭)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଅପରାହ୍ନରେ ତାଙ୍କ ଗ୍ରାମ ଷୋଡଳବିନ୍ଧାକୁ ଅଣାଯାଇଥିଲା। ତାଙ୍କ ଶେଷଦର୍ଶନ ପାଇଁ ବାସଭବନରେ ବହୁ ବ୍ୟକ୍ତି ଆସି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ମେଳାପୀ, ପରୋପକାରୀ ଓ ସଂସ୍କୃତିପ୍ରେମୀ ଥିଲେ।

## କବିତା ପୁସ୍ତକ 'ସେଦିନ' ଲୋକାର୍ପିତ

ବାଲିପାଟଣା, ୨୨।୧ (ଡି.ଏନ୍.ଏ.)

ପ୍ରାଚୀଧାରା ପ୍ରକାଶନୀ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଯାନ୍ତ୍ରିକ କର୍ମଚାରୀ ସଂଘ ସଭାଗୃହରେ କବି ଶାରଦା ପ୍ରସାଦ ସ୍ୱାଇଁଙ୍କ କବିତା ପୁସ୍ତକ 'ସେଦିନ' ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ.ଫନୀ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କବି ଶରତ ଦାସ, ମୁଖ୍ୟ ବକ୍ତାଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ମହାପ୍ରବନ୍ଧକ ରବୀନ୍ଦ୍ର ଦାସ, କବି ପ୍ରଦୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଲୋକାର୍ପିତ ପୁସ୍ତକ 'ସେଦିନ' କବିତାଗୁଡ଼ିକର ଅତିଥିମାନେ ଭାବ ବ୍ୟକ୍ତ କରିଥିଲେ। ପ୍ରାଚୀଧାରା ପ୍ରକାଶନୀର ପ୍ରକାଶକ ଭଗବାନ ସାହୁ ପୁସ୍ତକର କବିତାଗୁଚ୍ଛ ଉପରେ ସୂଚନା ଦେଇଥିଲେ। କବି ଅଭିମନ୍ୟୁ ନାୟକ ଉପସ୍ଥିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କବି ମିନତି ବେହେରା ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସରୋଜ ମହାପାତ୍ର, ଡ.ଅବଦୁଲ ଓସିଦ ଖାଁ, ଡ. ରଜନୀ ରଞ୍ଜନ ଦାସ, ପୁଷ୍ପଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କବି ବିପିନ ମହାନ୍ତି ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱରସ୍ଥିତ ଯାନ୍ତ୍ରିକ କର୍ମଚାରୀ ସଂଘ ସଭାଗୃହରେ ଅତିଥିମାନେ ପୁସ୍ତକ ଲୋକାର୍ପିତ କରୁଛନ୍ତି।

## ବ୍ୟକ୍ତିଗତ ହାଜର ହେଲେ ସଚିବ ମୋନା ଶର୍ମା

### ପଦୋନ୍ନତି ଉପରେ ସ୍ଥିତାବସ୍ଥା ଜାରି

କଟକ ଅଫିସ,୨୨।୧

ଅଦାଲତଙ୍କ ବାରଣ ସତ୍ତ୍ୱେ ୧୭ଜଣ ଆସିଷ୍ଟାଣ୍ଟ କନ୍‌ଜରଭେଟର ଅଫ ଫରେଷ୍ଟର(ଏସିଏଫ)ଙ୍କୁ ଡିଭିଜିନାଲ ଫରେଷ୍ଟ ଅଫିସର ପଦବୀକୁ ପଦୋନ୍ନତି ଦିଆଯାଇଛି। ଏହି ମାମଲାରେ ଶୁକ୍ରବାର ଜଙ୍ଗଲ ଏବଂ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମା ହାଇକୋର୍ଟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବ୍ୟକ୍ତିଗତ ହାଜର ହୋଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସିଏଫରେ ଯେଉଁ ପଦୋନ୍ନତି ହୋଇଛି ତାହା ଉପରେ ସ୍ଥିତାବସ୍ଥା ଜାରି ରହିଛି ବୋଲି ଅଦାଲତଙ୍କୁ ଅବଗତ କରିଥିଲେ। ଏହି ଜବାବ ପରେ ହାଇକୋର୍ଟ ତାଙ୍କୁ ଅଦାଲତ ଅବମାନନାରୁ ମୁକ୍ତି ଦେବା ସହ ଆସନ୍ତା ୨୭ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ବରିଷ୍ଠତା ଭିତ୍ତିରେ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ବିରାଜ ମୋହନ ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଓ ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିରଣୀରୁ ପ୍ରକାଶ, ୧୯୮୭-୮୮ରେ ମହାନ୍ତି ଫରେଷ୍ଟ ରେଞ୍ଜର ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତି ମିଳିବାର ମାସକ ପରେ ଆଉ ୧୭ ଜଣଙ୍କୁ ଏହି ପଦବୀରେ ନିଯୁକ୍ତି ମିଳିଥିଲା। ପଛରେ ନିଯୁକ୍ତି ପାଇଥିବା କେତେଜଣ ଅଧିକାରୀଙ୍କୁ ପଦୋନ୍ନତି ମିଳିବାରୁ ସେ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଜଣିକିଆ ବିଚାରପତି ଗତ ଅଗଷ୍ଟରେ ବିଭାଗୀୟ ଅଧିକାରୀଙ୍କୁ ନୋଟିସ୍ କରିବା ସହ ପଦୋନ୍ନତି ପ୍ରକ୍ରିୟା ଉପରେ ସ୍ଥିତାବସ୍ଥା ଜାରି ରଖିବା ପାଇଁ ଅନ୍ତରୀଣ ଆଦେଶ ଦେଇଥିଲେ। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଆବେଦନକାରୀଙ୍କ ଦୁଇଟି ଯାକ ରିପ୍ରେଜେଣ୍ଟେଟେସନକୁ ଖାରଜ କରି ଦେଇଥିଲେ। ଫଳରେ ଆବେଦନକାରୀ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଏହି ମାମଲାରେ ନୋଟିସ୍ ଜାରି କରିବା ସହ ପଦୋନ୍ନତିକୁ ନେଇ ଯେଉଁ ତାଲିକା ପ୍ରକାଶ ପାଇଛି ତାହା ଅଦାଲତର ଚୂଡାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ଅନ୍ତରୀଣ ଆଦେଶରେ ସ୍ପଷ୍ଟ କରିଥିଲେ। ତେବେ ହାଇକୋର୍ଟଙ୍କ ଏହି ଆଦେଶ ସତ୍ତ୍ୱେ ରାଜ୍ୟ ସରକାର ପୁନର୍ବାର ପଦୋନ୍ନତି ତାଲିକା ପ୍ରକାଶ କରିଥିଲେ। ଫଳରେ ହାଇକୋର୍ଟ ଶୁକ୍ରବାର ବିଭାଗୀୟ ସଚିବଙ୍କୁ ବ୍ୟକ୍ତିଗତ ହାଜର ଲାଗି ନିର୍ଦ୍ଦେଶ ଦେଇଥିଲେ।

## ମଧ୍ୟସ୍ଥତା କେନ୍ଦ୍ରକୁ ଆସିଲେନି ଏମ୍‌ପି ଅନୁଭବ ମହାନ୍ତି

କଟକ ଅଫିସ,୨୨।୧

କଟକ ଜିଲାଜଜ୍ କୋର୍ଟ ପରିସରରେ ଥିବା ମଧ୍ୟସ୍ଥତା କେନ୍ଦ୍ରକୁ ଶୁକ୍ରବାର ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଆସିଲେନି। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଅନୁଭବ ପରସ୍ପର ଉପସ୍ଥିତ ହୋଇ ଆପୋସ ଆଲୋଚନା ଭିତରେ ସେମାନଙ୍କ ବୈବାହିକ ବିବାଦକୁ ସମାଧାନ କରିବା ଲାଗି କଟକ ଏସ୍‌ଡିଜେଏମ୍‌ଙ୍କ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମଧ୍ୟସ୍ଥି ସ୍ମିତ ରଞ୍ଜନ ପଟ୍ଟନାୟକଙ୍କ ନିକଟରେ ବର୍ଷା ହାଜର ହୋଇଥିଲେ। କିନ୍ତୁ ଅନୁଭବ ଦିଲ୍ଲୀରେ କାର୍ଯ୍ୟବ୍ୟସ୍ତତା ଥିବା ଦର୍ଶାଇ ଏକ ଟାଇମ୍ ପିଟିଶନ୍ ଫାଇଲ୍ କରିଥିଲେ। ଆଉ ଏକ ତାରିଖ ଦେବାଲାଗି ସେ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ। ଏହାପରେ ଫେବୃୟାରୀ ୨୨ ତାରିଖକୁ ଆଉ ଏକ ଦିନଧାର୍ଯ୍ୟ ହୋଇଛି। ସେହିଦିନ ଉଭୟ ମଧ୍ୟସ୍ଥଙ୍କ ନିକଟରେ ହାଜର ହେବେ। ସୂଚନାଥାଉକି, କିଛି ମାସ ଧରି ବର୍ଷା ଓ ଅନୁଭବଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଛି। ଏ ନେଇ କୋର୍ଟରେ ମାମଲାର ବିଚାର ଚାଲିଥିବାବେଳେ ଛାଡପତ୍ର ପର୍ଯ୍ୟନ୍ତ କଥା ପହଞ୍ଚିଛି। ବର୍ଷାଙ୍କଠାରୁ ବିବାହ ବିଚ୍ଛେଦ ନିମନ୍ତେ ଅନୁଭବ ଦିଲ୍ଲୀ ପଟିଆଲା କୋର୍ଟରେ ଆବେଦନ କରିଛନ୍ତି। ବର୍ଷା ମଧ୍ୟ ନିଜ ଭରଣପୋଷଣ ପାଇଁ କଟକ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ଶୁଣାଣି କରି ଏସ୍‌ଡିଜେଏମ୍ ଉଭୟଙ୍କ ମଧ୍ୟରେ ଆପୋସ ବୁଝମଣା ଲାଗି ପରାମର୍ଶ ଦେଇଥିଲେ।


ଷ୍ଟାଇପେଣ୍ଡ ବୃଦ୍ଧି ଦାବିରେ କଟକ ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ହାଉସ ସର୍ଜନମାନେ ଶୁକ୍ରବାର କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରୁଛନ୍ତି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ
ନ-୧/୯, ନୟାପଲ୍ଲୀ, ପୋ: ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ଫୋନ ନଂ. ୦୬୭୪-୨୩୦୧୩୨୪, Email- info@oav.edu.in

ବିଜ୍ଞାପନ

No. n-33:- ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ୨୫୦ ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବ୍ୟାଧାୟୀ (Day Scholar) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ ।

ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ । **ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୨୦.୦୨.୨୦୨୧।**

ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ୍‌ସାଇଟ୍‌ରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ/ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । **ଉକ୍ତ ପ୍ରବେଶିକା ପରୀକ୍ଷା, ତା.୦୮.୦୩.୨୦୨୧ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ ।** ଏତଦ୍‌ବ୍ୟତୀତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry)ର ମଧ୍ୟ ବ୍ୟବସ୍ଥା ରହିଛି । ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ଫର୍ମ ମଧ୍ୟ ୱେବସାଇଟରେ ଉପଲବ୍ଧ ଅଛି । ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ **www.oav.edu.in**ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ଜାତିଗତ ପ୍ରମାଣପତ୍ର ସହ ଆବେଦନ କରିପାରିବେ । ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା ୨୫୦ ଗୋଟି ବିଦ୍ୟାଳୟର ତାଲିକା ୱେବସାଇଟ୍‌ରେ ଉପଲବ୍ଧ ଅଟେ । ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଅଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ୫୦ ଗୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ରହିଥିବା ଆବାସିକ ବ୍ୟବସ୍ଥାର ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ ।

ସ୍ୱାକ୍ଷର
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ
OIPR-27029/11/0003/2021

## ୨ବଖରା ଜଳିଗଲା

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନରଣଗଡ଼ ପଞ୍ଚାୟତ ହାଡ଼ପଦା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ବୀରଞ୍ଚି ହରିଚନ୍ଦନଙ୍କ ଦୁଇ ବଖରା ଜଳିଯାଇଛି। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଘରେ ଥିବା ସମସ୍ତ ଆସବାବପତ୍ର ଓ ପାଉଁରୁଟି ବ୍ୟବସାୟ ପାଇଁ ରଖିଥିବା ୭ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ସୋମବାର ତହସିଲଦାର ପଦ୍ମଚରଣ ସାହୁ ବିପନ୍ନ ପରିବାରକୁ ୭,୫୦୦ଟଙ୍କା, ଗୋଟିଏ ପଲିଥିନ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

# ଧାନକିଣାରେ ବଢୁଛି ଦୁର୍ନୀତି

**ଖୋର୍ଦ୍ଧା ଅଫିସ,୨୨।୧**

- ମିଲର୍ସ-ପ୍ରଶାସନ ମଧୁଚନ୍ଦ୍ରିକାରେ କାରବାର
- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ

ଚଳିତବର୍ଷ ଖରିଫ ଧାନକିଣାରେ ଖୋର୍ଦ୍ଧା ଜିଲାରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ଉଠିଛି। ଡିସେମ୍ବର ପହିଲାରୁ ଧାନମଣ୍ଡି ଖୋଲିବା ଲାଗି ବ୍ୟବସ୍ଥା ଥିଲେ ମଧ ବିଳମ୍ବରେ ଖୋଲିଲା। ବିଳମ୍ବ ଯୋଗୁ ମିଲର୍ସମାନେ ବେପାରୀ ଲଗାଇ ୧୧୦୦ରୁ ୧୨୦୦ଟଙ୍କା ମଧ୍ୟରେ ଧାନ ଉଠାଇ ନେଉଛନ୍ତି। ଫଳରେ କେନ୍ଦ୍ର ସରକାର ଦେଉଥିବା ୧୮୬୮ଟଙ୍କା ପାଇବାରୁ ଚାଷୀ ବଞ୍ଚିତ ହେଉଛନ୍ତି। ପ୍ରଶାସନ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଏହି କାରବାର। ଜିଲାରେ ଧାନକିଣାରେ ବ୍ୟାପକ ଦୁର୍ନୀତି ହେଉଥିବା ବେଳେ ପ୍ରଶାସନ କାହିଁକି ନୀରବ ରହିଛି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ, ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ କହିଛନ୍ତି।

ଜିଲାର ବିଭିନ୍ନ ସେବା ସମବାୟ ସମିତିରେ ପ୍ରକୃତ ଚାଷୀ ଟୋକନ ବିନା ଧାନ ବିକ୍ରି କରିପାରୁ ନ ଥିବା ବେଳେ ଜଟଣୀ ବ୍ଲକରେ ନକଲି ଚାଷୀଙ୍କଠାରୁ ଧାନ କିଣାଯାଉଛି। କୁଇଣ୍ଟାଲ ପିଛା ୩ରୁ ୫କେଜି ଧାନ କାଟି ନେଉଛନ୍ତି ମିଲର୍ସ। ସମିତି ସମ୍ପାଦକ, ମିଲର୍ସ ଏବଂ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ଏବଂ କଟ୍‌ନୀ ଛଟ୍‌ନୀ କାରଣରୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ କିଣିବା ଲାଗି ସରକାରଙ୍କ ପକ୍ଷରୁ ସପ୍ତାହକୁ ଦୁଇ ଦିନ ସ୍ଥିର ହୋଇଛି। ଉକ୍ତ ଦିନରେ ଧାନ କିଣା ନ ଯାଇ ଛୁଟିଦିନରେ କିଣାଯାଉଛି। ବୋଲଗଡ, ବେଗୁନିଆ ବ୍ଲକରେ ଏଭଳି ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ବାଣପୁର, ଚିଲିକା ବ୍ଲକରେ ପ୍ରକୃତ ଚାଷୀଙ୍କ ପରିବର୍ତ୍ତେ ଫେକ ଡାଟା ପ୍ରସ୍ତୁତ କରାଯାଇ ଧାନ କିଣାଯାଉଛି। ବେଗୁନିଆ ଓ ବୋଲଗଡ଼ ବ୍ଲକରେ ଗତ ବର୍ଷ ଶତାଧିକ ଚାଷୀ ଟୋକନ ପାଇଥିବା ସତ୍ତ୍ୱେ ଧାନ ବିକ୍ରି କରିପାରି ନ ଥିଲେ। ଚଳିତବର୍ଷ ବିଭିନ୍ନ ସ୍ଥାନରେ ଚାଷୀଙ୍କୁ ଟୋକନ ମିଳିବାରେ ବିଳମ୍ବ ଯୋଗୁ ବହୁ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ଏହାର ସୁଯୋଗ ନେଇ ବେପାରୀମାନେ ଗ୍ରାମରୁ ଚାଷୀଙ୍କଠାରୁ ଟ୍ରକ୍ ଟ୍ରକ୍ ଧାନ କିଣି ନେଉଥିବା ଜଣାପଡିଛି। ଏନେଇ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ଜଟଣୀ ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ଧାନକିଣାରେ ଅନିୟମିତତା ସମ୍ପର୍କରେ ଗଣମାଧ୍ୟମ ଏବଂ ଚାଷୀଙ୍କ ଠାରୁ ଖବର ପାଇଛି। ନକଲି ଚାଷୀଙ୍କଠାରୁ ଧାନକିଣା ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଧାନକିଣାରେ ଦୁର୍ନୀତି ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୨ ମଣ୍ଡି ଖୋଲିବାକୁ ଦାବି

**ଖୋର୍ଦ୍ଧାଅଫିସ,୨୨।୧:** ୨୦୨୦-୨୧ ଖରିଫ ଧାନ ସଂଗ୍ରହ ଚାଲିଛି। ଆବଶ୍ୟକ ସଂଖ୍ୟକ ମଣ୍ଡି ଖୋଲି ନ ଥିବାରୁ ଧାନ ଦେବାରେ ଚାଷୀ ହଇରାଣ ହେଉଛନ୍ତି। ଏନେଇ ଶୁକ୍ରବାର ବାଣପୁର ବ୍ଲକ କୁଲେଇ ଏବଂ ଦେଓଗାଁ ସେବା ସମବାୟ ସମିତିର ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, କୁଲେଇ ଏବଂ ଦେଓଗାଁ ସେବା ସମବାୟ ସମିତି ଅଧୀନରେ ଥିବା ଧାନମଣ୍ଡିରେ ଧାନ ଦେବାକୁ ପଞ୍ଜୀକୃତ ଚାଷୀମାନେ ଧାନ ଦେଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁଲେଇ ସେବା ସମବାୟ ସମିତିରେ ୧୧ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲାଗି ଲକ୍ଷ୍ୟ ଧାର୍ଯ୍ୟ ରହଛି। କିନ୍ତୁ ୧ହଜାର ୮ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେହିପରି ଦେଓଗାଁ ସେବା ସମବାୟ ସମିତି ଅଧୀନରେ ପଞ୍ଜୀକୃତ ହୋଇଥିବା ଚାଷୀମାନେ ମଧ ଠିକ୍ ଭାବେ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ଦୁଇ ସମିତି ଅଧୀନରେ ଆଉ ଦୁଇଟି ମଣ୍ଡି ଖୋଲିବାକୁ ଚାଷୀମାନେ ଜିଲାପାଳଙ୍କୁ ଜଣାଇଛନ୍ତି।

### ଥାନା ଆଗରେ ଧାରଣା

**ନିରାକାରପୁର,୨୨।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ପୋଲିସ ନ୍ୟାୟ ଦେବାରେ ବିଳମ୍ବ ହେଉଥିବାରୁ ଶୁକ୍ରବାର କେତେଜଣ ମହିଳା, ପୁରୁଷ ଥାନା ଆଗରେ ଧାରଣା ଦେଇଥିଲେ। ନ୍ୟାୟ ପାଇଁ ଧାରଣାରେ ବସିଥିବା ରଶ୍ମିତା ନାୟକଙ୍କ ଅଭିଯୋଗ ଅନୁଯାୟୀ, ୭ ଜୁନ ୨୦୧୯ରେ ତାଙ୍କ ସ୍ୱାମୀ ଗଗନ ନାୟକ ବେପାର କରିବା ପାଇଁ ଯାଉଥିଲେ। ଏହି ଥାନା ଅଧୀନ କମାଗୁରୁ-ଟାଙ୍ଗୋଲ ରାସ୍ତା ମଝିରେ କେତେଜଣ ଯୁବକ ବନ୍ଧୁକ ଦେଖାଇ ଗଗନଙ୍କଠାରୁ ସମସ୍ତ ସୁନା ଓ ରୁପା ଅଳଙ୍କାର, ମୋବାଇଲ ଫୋନ ଏବଂ ବାଇକ୍ ଲୁଟି ନେଇଥିଲେ। ଯାହାର ମୂଲ୍ୟ ୨,୫୦,୦୦୦ ଟଙ୍କା। ଏନେଇ ଜଙ୍କିଆ ପୋଲିସ ମାମଲା (ନଂ.୯୫/୧୯) ରୁଜୁ କରିଥିଲା। ପରେ ପରିବାର ଲୋକେ ଲୁଟେରାଙ୍କ ମଧ୍ୟରୁ ଜଣଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଧରାପଡ଼ିଥିବା ଯୁବକ ଲୁଟ୍ କଥା ମାନିବା ସହ ଅନ୍ୟମାନଙ୍କ ନାମ କହିଥିଲା। ହେଲେ ପୋଲିସ ଆଉ କାହାକୁ ଧରି ନ ଥିଲା। ଏନେଇ ପରିବାରଲୋକେ ଏସ୍‌ପିଙ୍କୁ ଭେଟିଥିଲେ। ପରେ ଖୋର୍ଦ୍ଧା ପୋଲିସ ଆଉ ଜଣେ ଲୁଟେରାଙ୍କୁ ଧରିଥିଲା। ସେ ମଧ ଅନ୍ୟ ୫ଜଣଙ୍କ ନାମ ପ୍ରକାଶ କରିଥିଲା। ଏହି ୫ଜଣ ଲୁଟେରା ଉକ୍ତ ପରିବାରକୁ ଗାଳିଗୁଲଜ କରିବା ସହିତ ମାରିଦେବାକୁ ଧମକ ଦେଉଛନ୍ତି। ଏନେଇ ଜଙ୍କିଆ ପୋଲିସକୁ ବାରମ୍ବାର ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ୭ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପୋଲିସ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ବୋଲି ରଶ୍ମିତା କହିଛନ୍ତି।

### ବୋଲଗଡ଼ ବ୍ଲକ ବିଜେଡି ପକ୍ଷରୁ ନବୀନଙ୍କୁ ଶୁଭେଚ୍ଛା

**ବୋଲଗଡ଼,୨୨।୧(ଡି.ଏନ୍.ଏ.):** ଦେଶର ସବୁଠୁ ଲୋକପ୍ରିୟ ଓ ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ପୁଣି ଗୌରବ ଅର୍ଜନ କରିଛନ୍ତି। ସି ଭୋଟର ଏବଂ ଏବିପି ଦେଶକା ମୁଡ୍ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି। ଏନେଇ ବିଜୁପ୍ରେମୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଶୁକ୍ରବାର ବୋଲଗଡ଼ ବ୍ଲକ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଛକରୁ ଏହି ପଦଯାତ୍ରା ବାହାରି ବୋଲଗଡ଼ ବଜାର ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ ବ୍ଲକ ଯୁବ ବିଜେଡି ସଭାପତି ରବୀନ୍ଦ୍ର ସୁବୁଦ୍ଧି, ଦୁର୍ଯ୍ୟୋଧନ ସ୍ୱାଇଁ, ଅଶ୍ୱିନୀ ପଟ୍ଟନାୟକ, ପ୍ରଫୁଲ୍ଲ ପ୍ରଧାନ, ବୀର କିଶୋର ଦାସ, ଦିଲ୍ଲୀପ କୁମାର ଦତ୍ତଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

### ଫୁଟବଲ: ଫାଇନାଲରେ ଫିରିଙ୍ଗିଆ ସୁଜିତ ଏଫ୍‌ସି

**ବୋଲଗଡ଼,୨୨।୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଦେଉଳି ତୁଳସୀବେରେଣା ଖେଳପଡିଆରେ ଆଞ୍ଚଳିକ ଫୁଟବଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗରର ବଲରାଜ କ୍ଲବକୁ ହରାଇ ଫୁଲବାଣୀ ଫିରିଙ୍ଗିଆର ସୁଜିତ ଏଫ୍‌ସି ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରିଭାବେ ରାଜୁ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ସକାୱତ ଖାଁ ଓ ପ୍ରଫୁଲ୍ଲ ବେହେରା ଲାଇନ୍ସରେ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଲକ୍ଷ୍ମୀଧର ଚୌଧୁରୀ ଦାୟିତ୍ୱ ତୁଲାଇଥିଲେ।

## ନ୍ୟାୟ ଦାବିରେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା

**ଖୋର୍ଦ୍ଧା ଅଫିସ,୨୨।୧**



ଚମ୍ପାଝର ଓ ପାଣିଛତ୍ର ଗ୍ରାମର ୧୫ ପରିବାର ଧାରଣା ଦେଇଛନ୍ତି।

ଭୋଗଦଖଲରେ ରହିଥିବା ଜମିରୁ ଉଚ୍ଛେଦ ପ୍ରତିବାଦରେ ୧୫ ଭୂମିହୀନ ପରିବାର ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୭ଘଣ୍ଟା ଧାରଣା ଦେଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଖୋର୍ଦ୍ଧା ବ୍ଲକ କଁପୁର ପଞ୍ଚାୟତ ଚମ୍ପାଝର ଏବଂ ପାଣିଛତ୍ର ଗ୍ରାମର ୧୫ ପରିବାର ଦୀର୍ଘ ୩୬ବର୍ଷ ଧରି ଚମ୍ପାଝର ମୌଜାର ୩୦ଏକର ଜମିରେ ଭୋଗଦଖଲ କରି ପରିବାର ଚଳାଉଥିଲେ। ଏହି ଜମିକୁ ସରକାର ଶିଳ୍ପ ସଂସ୍ଥା ହାତକୁ ଟେକି ଦେଇଛନ୍ତି। ଶୁକ୍ରବାର ଏହି ଜମିରୁ ଉଚ୍ଛେଦ ଚାଲିଥିବା ବେଳେ ସେଠାରେ ରହୁଥିବା ପରିବାର ଏହାର ପ୍ରତିବାଦ କରିଥିଲେ। ଉଚ୍ଛେଦ କାର୍ଯ୍ୟକୁ ବନ୍ଦ କରିଥିଲେ। ଖବରପାଇ ତହସିଲଦାର ପଦ୍ମଚରଣ ସାହୁ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଭୋଗଦଖଲ ଜମିରୁ ଉଚ୍ଛେଦକୁ ନେଇ ସମ୍ପୃକ୍ତ ପରିବାର ଏବଂ ତହସିଲଦାର ମୁହାଁମୁହିଁ ହୋଇଥିଲେ। ଏହାର ପ୍ରତିବାଦରେ ସେମାନେ ନ୍ୟାୟ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଦାବିପତ୍ର ପ୍ରଦାନ କରିଥିଲେ। ନ୍ୟାୟ ନ ମିଳିଲେ, ଧାରଣାରୁ ଉଠିବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି। ତହସିଲଦାର ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ କହିଛନ୍ତି। ତହସିଲଦାର ପଦ୍ମଚରଣ ସାହୁ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ୩ ଲୁଟେରାଙ୍କୁ ପୋଲିସ ଜିମା

**ବାଲୁଗାଁ,୨୨।୧(ଡି.ଏନ୍.ଏ.)**

ବାଲୁଗାଁ ନାଭାଲ ଫାଣ୍ଡି ଅଧୀନ ଖଡ଼ିକାପଲ୍ଲୀ ଛକରେ ଜଣେ ଟ୍ରକ୍ ଚାଳକଙ୍କଠାରୁ ଲୁଟ୍ ଉଦ୍ୟମ ବେଳେ ୩ଜଣ ଲୁଟେରା ଧରାପଡ଼ିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଚେନ୍ନାଇରୁ କୋଲକାତା ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରକ୍ ଚାଳକ ଶଙ୍କର ସାହୁ ଶୁକ୍ରବାର ସନ୍ଧ୍ୟାରେ ଖଡ଼ିକାପଲ୍ଲୀ ଛକରେ ଗାଡିକୁ ଛିଡା କରାଇ ନିକଟରେ ବିଶ୍ରାମ ନେଉଥିଲେ। ଏହି ସମୟରେ ଗଞ୍ଜାମ ପଟୁ ଆସୁଥିବା ଏକ ଅଟୋରେ ୫ଜଣ ଆସି ହଠାତ୍ ଶଙ୍କରଙ୍କୁ ମାରଣାସ୍ତ୍ର ଦେଖାଇ ୧୧ହଜାର ଟଙ୍କା ଓ ଏଟିଏମ୍ କାର୍ଡ ନେଇ ଫେରାର ଉଦ୍ୟମ ବେଳେ ଶଙ୍କର ଜଣଙ୍କୁ କାବୁ କରି ନେଇଥିଲେ। ଶଙ୍କରଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଆଉ ଦୁଇ ଜଣଙ୍କୁ କାବୁ କରିନେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଲୁଟେରାଙ୍କୁ ନେଇ ଥାନାରେ ପଚରାଉଚରା ଚଳାଇଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**ବାଣପୁର,୨୨।୧(ଡି.ଏନ୍.ଏ.)**

ବାଣପୁର ଥାନା ଦାଶରଥିପୁର ଗ୍ରାମରୁ ଶୁକ୍ରବାର ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର ମିଟୁ ପାତ୍ରଙ୍କ ସ୍ତ୍ରୀ ଗୀତାଞ୍ଜଳି। ଅନ୍ୟପଟେ ଗୀତାଞ୍ଜଳିଙ୍କୁ ଶାଶୁଘର ଲୋକେ ବାଡେଇ ମାରିଦେଇଥିବା ନେଇ ଭଉଣୀ ବବିତା ସ୍ୱାଇଁ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଣପୁର ଥାନା ଅନ୍ତରକିଆରୀ ଗ୍ରାମର ଗୀତାଞ୍ଜଳି ପ୍ରାୟ ୧୬ବର୍ଷ ପୂର୍ବେ ସାନ ଶିରେଇପୁର ଗ୍ରାମର କବିରାଜ ଜେନାଙ୍କୁ ବିବାହ କରିଥିଲେ। ତିନି ବର୍ଷ ପୂର୍ବେ କବିରାଜଙ୍କ ମୃତ୍ୟୁ ହୋଇଥିଲା। ପରେ ଗୀତାଞ୍ଜଳି ଏକ ଘରୋଇ ଡାକ୍ତରଖାନାରେ ପରିଚାରିକା ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ। ଏହି ସମୟରେ ଦାଶରଥିପୁର ଗ୍ରାମର ମିଟୁଙ୍କ ସହ ଗୀତାଞ୍ଜଳିଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ବିବାହ ହୋଇଥିଲା। ମିଟୁ ଘର ଆଗରେ ଏକ ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ। ମିଟୁ ଟଙ୍କା ପାଇଁ ସବୁବେଳେ ଗୀତାଞ୍ଜଳିଙ୍କ ସହ ଝଗଡ଼ା କରୁଥିଲେ। ଏପରିକି ଟଙ୍କା ନ ଦେଲେ ଗୀତାଞ୍ଜଳିଙ୍କୁ ମାଡ଼ ମାରୁଥିଲେ। ଶୁକ୍ରବାର ମିଟୁ ଗୀତାଞ୍ଜଳିଙ୍କୁ ହତ୍ୟା କରି ରଶିରେ ଝୁଲାଇ ଦେଇଥିବା ବବିତା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପାରିବାରିକ କଳହକୁ ନେଇ ଗୀତାଞ୍ଜଳି ଆତ୍ମହତ୍ୟା କରିଥିବା ମିଟୁ କହିଛନ୍ତି। ବବିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## ଜବରଦଖଲ ସ୍ଥାନ ଛାଡ଼ିଲେ ଦୋକାନୀ

**ଜଟଣୀ,୨୨।୧(ଡି.ଏନ୍.ଏ.)**

ଜଟଣୀସ୍ଥିତ କୁଦିଆରୀ ବଜାରଠାରୁ ସୀତାରାମଛକ ପର୍ଯ୍ୟନ୍ତ ନିର୍ମାଣାଧୀନ ଫ୍ଲାଏ ଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରୁ ଉଚ୍ଛେଦ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ନିର୍ମାଣସ୍ଥଳ ରାସ୍ତା ମଝିର ଉଭୟ ପାର୍ଶ୍ୱରୁ ୧୨ମିଟର ପର୍ଯ୍ୟନ୍ତ ଅବରୋଧ ହଟାଯିବ। ଏନେଇ ବ୍ୟବସାୟୀଙ୍କୁ ୭ଦିନର ମହଲତ ଦିଆଯାଇଥିଲା। ତେବେ ୭ଦିନ ନ ପୂରୁଣୁ ବ୍ୟବସାୟୀମାନେ ନିଜ ନିଜ ପ୍ରତିଷ୍ଠାନରୁ ଜିନିଷ ନେଇ ଦୋକାନ ଉଚ୍ଛେଦ କରୁଥିବା ଶୁକ୍ରବାର ଦେଖିବାକୁ ମିଳିଛି। ତହସିଲଦାର ତପନ ମହାପାତ୍ର କହିଛନ୍ତି, ୧୪୩ଜଣ ଦୋକାନୀଙ୍କ ଆବେଦନ ମୁତାବକ ସେମାନଙ୍କୁ ଜଟଣୀ ବସ୍‌ଷ୍ଟାଣ୍ଡ ନିକଟରେ ଥଇଥାନ କରାଯିବ। ପ୍ରକାଶ ଯେ, ଏହି ବ୍ରିଜ୍ କାର୍ଯ୍ୟ ନିର୍ମାଣ ଚାଲିଥିଲେ ମଧ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଥିବାରୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଥିଲା।

## କୃଷ୍ଣପ୍ରସାଦରେ ସଡ଼କ ସୁରକ୍ଷା ସଚେତନତା

**କୃଷ୍ଣପ୍ରସାଦ,୨୨।୧(ଡି.ଏନ୍.ଏ.)**




ସଡ଼କ ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ବାହାରିଥିବା ଶୋଭାଯାତ୍ରା।

କୃଷ୍ଣପ୍ରସାଦ ବ୍ଲକରେ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ପୁରୀ ଆଞ୍ଚଳିକ ପରିବହନ ଏବଂ ସ୍ଥାନୀୟ ପୋଲିସ ସହଯୋଗରେ ଲୋକପ୍ରତିନିଧି, ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ସଚେତନତା ପ୍ଲାକାର୍ଡ ଧରି ଚାରିଛକ, ଚିଛିଣି, ନୂଆପଡା ବଜାର ପରିକ୍ରମା କରି ଚାରିଛକ ଠାରେ ପହଞ୍ଚି ଥିଲା। ଏହି ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ ସେଠୀ, ପ୍ରମୋଦ ସିଂହ, ନାରାୟଣ ପ୍ରଧାନ, ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ଗୋମୁଣ୍ଡିଆ ସରପଞ୍ଚ ସଞ୍ଜୁଲତା ଜେନା, ବିଜୟ ତରେଇ, କବିରାଜ ମାଝୀ, କାଶୀନାଥ ଜେନା, ଅଭୟ ମହାପାତ୍ର ପ୍ରମୁଖ ସଡ଼କ ସୁରକ୍ଷାର ନିୟମାବଳୀ ଉପରେ ଆଲୋକପାତ କରିଥିଲେ।

## ମୃତଦେହ ସଂସ୍କାର ପାଇଁ କାଠ ଦେବ ‘ସତ୍କାର’

**ଖୋର୍ଦ୍ଧା ଅଫିସ,୨୨।୧**




ଉଦ୍‌ଘାଟନୀ ଅବସରରେ ଜିଲାପାଳ ସନତ ମହାନ୍ତି, ଏସ୍‌ପି ଓ ଅନ୍ୟମାନେ।

ଅନେକ ସମୟରେ ମୃତଦେହ ସଂସ୍କାର ଲାଗି ଆବଶ୍ୟକ କାଠ ଯୋଗାଡ଼ କରିବାକୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଣିକି ଏହି ସମସ୍ୟା ଆଉ ରହିବ ନାହିଁ। ପରିବାର ସଦସ୍ୟଙ୍କୁ କାଠ ପାଇଁ ଏଣେତେଣେ ଯିବାକୁ ପଡ଼ିବ ନାହିଁ। ଶ୍ମଶାନରେ ମୃତଦେହ ସଂସ୍କାର ପାଇଁ କାଠ ଯୋଗାଇବ ‘ସତ୍କାର’। ଶୁକ୍ରବାର ଗୁରୁଜାଙ୍ଗ ଶ୍ମଶାନରେ ଏହି ଅଭିଯାନର ଜିଲାପାଳ ସନତ ମହାନ୍ତି ଶୁଭାରମ୍ଭ କରିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ଅଜୟ ପ୍ରତାପ ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ଅତିଥିଭାବେ ଯୋଗଦେଇଥିଲେ। ‘ସତ୍କାର’ ଅନୁଷ୍ଠାନର ସଭାପତି ଆଇନଜୀବୀ ଶକ୍ତିଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାମନ୍ତରାୟ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ଉଦ୍ୟୋଗପତି ସଞ୍ଜୟ ପଟ୍ଟନାୟକ, ସ୍ଥାନୀୟ ବରିଷ୍ଠ ସାମାଜିକକର୍ମୀ ଶ୍ରୀଧର ପରିଡା, ପ୍ରଳୟ ପ୍ରଧାନ, ବଦ୍ରି ନାରାୟଣ ସାହୁ, ଗୁରୁଜଙ୍ଗ ଗ୍ରାମ୍ୟ କମିଟି ସମ୍ପାଦକ ଜିତେନ୍ଦ୍ର ସାହୁ, ଅନୁଷ୍ଠାନ ସଂଯୋଜକ ଶୋଭନ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳ ମହାନ୍ତି ଅନୁଷ୍ଠାନର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ରାଜ୍ୟରେ ଏଭଳି ଯୋଜନା ପ୍ରଥମ ବୋଲି କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଶତପଥୀ କହିଥିଲେ, ପୌରାଞ୍ଚଳରେ ରହିଥିବା ସମସ୍ତ ଶ୍ମଶାନର ଉନ୍ନତୀକରଣ କରାଯିବ। ସଭାପତି ମିଶ୍ର କହିଥିଲେ, କରୋନା ସମୟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ସଂସ୍କାର ଲାଗି ପରିବାର ଲୋକେ କାଠ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାର ବାସ୍ତବତା ଜାଣିବା ପରେ ଶ୍ମଶାନରେ ସଂସ୍କାର ଲାଗି କାଠ ବ୍ୟବସ୍ଥା ଯୋଗାଇବା ଲାଗି ସ୍ଥିର ହୋଇଥିଲା। ବିଧିବଦ୍ଧ ଭାବେ ଏହି ଯୋଜନା ଶୁଭାରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ସମସ୍ତ ଶ୍ମଶାନରେ କାଠ ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ଶ୍ମଶାନ, ଖେଳପଡ଼ିଆ ଉନ୍ନତୀକରଣ ଦାବି

ଯୁବନେତା ଅବ୍ୟକ୍ତ ହରିହର ଖାଡଙ୍ଗା ଗ୍ରାମବାସୀ ଗୁରୁଜଙ୍ଗ ଶ୍ମଶାନରେ ମୌଳିକ ସୁବିଧା, ଆଲୋକୀକରଣ, ରାସ୍ତା ଏବଂ ଖେଳପଡିଆ ଲାଗି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୟାନିଧି ରାଉତରାୟ, ମିହିର ବିଧାର, ବିଧାନ ମହାନ୍ତିଙ୍କ ସମେତ ସ୍ଥାନୀୟ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କୈଳାସ



@ ଅନ୍ତର୍ଯ୍ୟାମୀ



@ ସନ୍ତୋଷ



@ ନାରାୟଣ



@ ଲକ୍ଷ୍ମୀଧର



@ ସମୀର



@ ସାଗରିକା



@ ଚିତ୍ତରଞ୍ଜନ

**ନୀଳଚକ୍ର ସ୍ପୋର୍ଟସ କ୍ଲବ୍ ଫୁଟବଲ୍ ଜର୍ସି ଉନ୍ମୋଚିତ**

ପୁରୀ ଅଫିସ୍: ନୀଳଚକ୍ର ସ୍ପୋର୍ଟସ କ୍ଲବ୍‌ର ଫୁଟବଲ୍ ଜର୍ସି ଶୁକ୍ରବାର ଏକ ଘରୋଇ ହୋଟେଲରେ ଉନ୍ମୋଚନ ହୋଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି। କରୋନା ପ୍ରଭାବରେ ଅନେକ ଦିନ ହେବ କ୍ରୀଡ଼ା ବାଧାପ୍ରାପ୍ତ ହୋଇଛି। ଯାହା ଦ୍ୱାରା ଅନେକ ପ୍ରତିଭା ନିଜ ଦକ୍ଷତା ଦେଖାଇବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଫୁଟବଲ କ୍ରୀଡ଼ାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାର ଉଦ୍ୟମ କରିବା ସହ ସବୁ ପ୍ରକାର ସହଯୋଗ ଯୋଗାଇ ଦେବୁ ବୋଲି ଜିଲା କ୍ରୀଡ଼ା ଅଧିକାରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, କ୍ଲବ୍‌ର ମୁଖ୍ୟ ଉପଦେଷ୍ଟା ଗିରୀଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଜର୍ସି ଉନ୍ମୋଚନ କରିଛନ୍ତି।

# ଆଜି ଖୋଲିବ ନେତାଜୀ ସଂଗ୍ରହାଳୟ

## ଫନୀ ପରେ ପୁନରୁଦ୍ଧାର ହୋଇନାହିଁ

ପୁରୀ ଅଫିସ,୨୨।୧

ପୁରୀ ନେତାଜୀ ସଂଗ୍ରହାଳୟ ଶନିବାର ଖୋଲିବ। ନେତାଜୀଙ୍କ ଜୟନ୍ତୀରେ ଏହାକୁ ଖୋଲଯାଉଛି। ତେବେ ଚରମ ଅବହେଳା ଭିତରେ ରହିଛି ଏହି ସଂଗ୍ରହାଳୟ। ଗତ ଫନୀରେ ସଂଗ୍ରହାଳୟ ଭିତ୍ତିଭୂମି ନଷ୍ଟ ହୋଇଯାଇଥିଲା। ବାହାରେ ଥିବା ଉଦ୍ୟାନ ଆଉ ନାହିଁ। ଛାତ ଓ କାନ୍ଥ ମରାମତି ଦିଗରେ ସଂସ୍କୃତି ବିଭାଗ ଗୁରୁତ୍ୱ ଦେଉନି। ସଂଗ୍ରହାଳୟ ପରିଚାଳନା ପାଇଁ କାର୍ଯ୍ୟକାରିଣୀ କମିଟି ଗଠନ ହୋଇଥିଲା। କମିଟିରେ ଜିଲାପାଳ ସଭାପତି ଥିବାବେଳେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସମ୍ପାଦକ ଦାୟିତ୍ୱରେ ଅଛନ୍ତି। ଫନୀରେ ହୋଇଥିବା କ୍ଷୟକ୍ଷତିର ଭରଣା ଓ ନବୀକରଣ ପାଇଁ ସଂଗ୍ରହାଳୟ ଗଭର୍ଣ୍ଣିଂ କମିଟିକୁ କାର୍ଯ୍ୟକାରିଣୀ କମିଟି ଲିଖିତ ଭାବେ ଜଣାଇଛି। ମାତ୍ର ଏନେଇ କୌଣସି କାର୍ଯ୍ୟକ୍ରମ ଏଯାବତ୍ ହାତକୁ ନିଆଯାଇ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଗଭର୍ଣ୍ଣିଂ କମିଟିର ସମ୍ପାଦକ ଦାୟିତ୍ୱରେ ଅଛନ୍ତି। ତଥାପି ଫଳ ଶୂନ। ୩ କୋଟି ଟଙ୍କା ଖର୍ଚ୍ଚରେ ୨୦୧୮ରେ ଏହି ସଂଗ୍ରହାଳୟ ନିର୍ମାଣ କରାଯାଇଥିବାବେଳେ ୨୦୧୯ ଜାନୁୟାରୀ ୧୫ରେ ସଂଗ୍ରହାଳୟର ଲୋକାର୍ପଣ ହୋଇଥିଲା। ଏହାପରେ କରୋନା ସଂକ୍ରମଣ ବ୍ୟାପିବାରୁ ଗତ ମାର୍ଚ୍ଚ ୧୯ରୁ ସଂଗ୍ରହାଳୟକୁ ସାଧାରଣ ଲୋକଙ୍କ ପ୍ରବେଶ ବନ୍ଦ ରହିଥିଲା। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ରାଜ୍ୟର ଅଧିକାଂଶ ଧର୍ମାନୁଷ୍ଠାନ ଓ କିଛି ସଂଗ୍ରହାଳୟ ଖୋଲିଥିଲେ ମଧ୍ୟ ନେତାଜୀ ସଂଗ୍ରହାଳୟ ବନ୍ଦ ରହିଥିଲ। ତେବେ ଖୋଲିବା ବେଳେ ସଂଗ୍ରହାଳୟକୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ଆଦୌ ଆଖିଦୃଶିଆ ନୁହେଁ। ୨ବର୍ଷ ଭିତରେ ମାତ୍ର ୨୭୬୦ ଖଣ୍ଡ ଟିକେଟ ବିକ୍ରି ହୋଇଛି। ଅର୍ଥାତ୍ ଦିନକୁ ହାରାହାରି ୫ରୁ ୬ଜଣ ହିସାବରେ ପର୍ଯ୍ୟଟକ ଆସିଛନ୍ତି। ଟିକେଟ ପିଛା ମୂଲ୍ୟ ୧୦ ଟଙ୍କା ରଖାଯାଇଛି। ଅର୍ଥାତ୍ ପ୍ରଚାର ପ୍ରସାର କ୍ଷେତ୍ରରେ ସଂଗ୍ରହାଳୟ କେତେ ପଛରେ ରହିଛି ତାହା ବିକ୍ରି ଟିକେଟ ସଂଖ୍ୟାରୁ ସ୍ପଷ୍ଟ ବାରିହେଉଛି। ସଂଗ୍ରହାଳୟ ଯେଉଁଠାରେ ଅବସ୍ଥିତ ସେଠାରୁ ସମୁଦ୍ରକୂଳ ଅତିବେଶିରେ ୨ଶହରୁ ୩ଶହ ମିଟର ହେବ। ବେଳାଭୂମିକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିଲେ ମଧ୍ୟ ସଂଗ୍ରହାଳୟରେ କାଁ ଭାଁ ଲୋକ ଦେଖିବାକୁ ମିଳନ୍ତି। ଅନ୍ୟପକ୍ଷରେ ସଂଗ୍ରହାଳୟ କର୍ପସ ଫଣ୍ଡକୁ କୋଟିଏ ଟଙ୍କା ଦିଆଯାଇଛି। ସେଥିରୁ ମିଳୁଥିବା ସୁଧରେ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଆଉଟ ସୋର୍ସିଂ କର୍ମଚାରୀଙ୍କୁ ଦରମା ଦିଆଯାଉଛି। ଏବେ ୩ଜଣ ସୁରକ୍ଷା କର୍ମୀ, ଜଣେ ଝାଡୁଦାର ଓ ଜଣେ ଉଦ୍ୟାନକର୍ମୀ ରହିଛନ୍ତି। ବର୍ଷକୁ ଏହି ବାବଦକୁ ୫ଲକ୍ଷ ଟଙ୍କା ମିଳୁଥିବାବେଳେ ଏହି ଅର୍ଥ ରାଶିରେ ହିଁ ସବୁ ବ୍ୟବସ୍ଥା କରିବାକୁ ପଡୁଛି। ପୁରୀ ସହରର ନେତାଜୀ ସୁଭାଷ ବୋଷଙ୍କ ଏହି ସ୍ମୃତି ଓ ଐତିହ୍ୟ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିପାରନ୍ତା। ରାଜ୍ୟ ସରକାରଙ୍କ ଉଚିତ ଉଦ୍ୟମ ଓ ପ୍ରୟାସରେ ଏହି ସଂଗ୍ରହାଳୟ ଏକ ଲୋକପ୍ରିୟ ପରିଚୟ ପାଇପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏନେଇ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କୁ ପଚାରିବାରେ, ଫନୀ ପରେ ନଷ୍ଟ ହୋଇଯାଇଥିବା ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ରାଜ୍ୟ ସଂସ୍କୃତି ବିଭାଗକୁ ପତ୍ର ମାଧ୍ୟମରେ ଜଣାଯାଇଛି। ସେଠାରୁ ଅନୁଦାନ ମିଳିବା ପରେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏଥିସହ ପର୍ଯ୍ୟଟକମାନେ କିପରି ଅଧିକରୁ ଅଧିକ ଆସିବେ ତା’ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଦାସ କହିଛନ୍ତି।



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସ ନେତାଜୀଙ୍କ ସ୍ୟାଣ୍ଡ ଆନିମେଶନ କରି ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ୪ ସେତୁ କାମ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୧(ବ୍ୟୁରୋ): ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଶୁକ୍ରବାର ପୁରୀ ଜିଲାରେ ନିର୍ମାଣଧୀନ ୪ଟି ସେତୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଭାର୍ଗବୀ ନଦୀ ଉପରେ ବାଲିକେରା-ତିନିକୁଦ ସେତୁ, ପଥରପଦା-କପିଳେଶ୍ୱରପୁର ପଞ୍ଚାୟତ ସେତୁ, ଦୟାନଦୀ ଉପରେ ସୌରିଆ-ଯୋରକଣା ସେତୁ, ଭାର୍ଗବୀ ନଦୀ ଉପରେ କାଞ୍ଚି ସେତୁର ନିର୍ମାଣ କାର୍ଯ୍ୟ ବହୁବର୍ଷ ଧରି ଆରମ୍ଭ ହୋଇଛି। ହେଲେ ଅଧା ପନ୍ତରିଆ ହୋଇ ଏହି କାର୍ଯ୍ୟଗୁଡିକ ପଡ଼ିରହିଥିଲା। ଏହି ୪ଟି ସେତୁ ବ୍ରହ୍ମଗିରି, ପୁରୀ ଓ ପିପିଲି ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟା ହୋଇରହିଥିଲା। ବାରମ୍ୱାର ବିଭାଗୀୟ ନିର୍ଦ୍ଦେଶ ସତ୍ତ୍ୱେ, ଏହି ଅର୍ଦ୍ଧନିର୍ମିତ ସେତୁଗୁଡ଼ିକ ଦୀର୍ଘଦିନରୁ ଟେଣ୍ଡର ଆହ୍ୱାନ ହୋଇ ନିର୍ମାଣ କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ଅହେତୁକ ବିଳମ୍ବ ଯୋଗୁ ଗମନାଗମନରେ ଜନସାଧାରଣ ବହୁ ସମସ୍ୟାକୁ ଦୀର୍ଘଦିନ ଧରି ସମ୍ମୁଖୀନ ହେଉଥିଲେ। ଲୋକସେବା ଭବନଠାରେ ଏକ ବୈଠକ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏହି ଚାରୋଟି ସେତୁର ନିର୍ମାଣ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସେତୁଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ଉନ୍ନୟନ କମିଶନର ତଥା ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସହିତ ଦାସ ବର୍ମା ଆଲୋଚନା କରିଛନ୍ତି।

### କୃଷି ଆଇନ ବାତିଲ ଦାବିରେ ଦାବିପତ୍ର

ବ୍ରହ୍ମଗିରି,୨୨।୧(ଡି.ଏନ୍.ଏ.): କେନ୍ଦ୍ର ସରକାରଙ୍କ ହୋଇଥିବା ୩ କୃଷି ଆଇନକୁ ବାତିଲ କରିବା ଦାବିରେ ବ୍ରହ୍ମଗିରିରେ ଥିବା ଚାଷୀ ମୂଲିଆ ସଂଘ ଓ ସର୍ବଭାରତୀୟ କ୍ଷେତ ମଜଦୁର କିଷାନ ସଭା ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ପ୍ରଣୟନ କରିଥିବା ୩ଟି କୃଷି ଆଇନ ଦ୍ୱାରା ଦେଶର କୃଷି କ୍ଷେତ୍ର ସମ୍ପୂର୍ଣ୍ଣ ଭାବେ କର୍ପୋରେଟଙ୍କ ହାତକୁ ଚାଲିଯିବ, ଫଳରେ କୃଷକଙ୍କ ଜୀବିକା ସମ୍ପୂର୍ଣ୍ଣ ପ୍ରଭାବିତ ହେବ। ମୋଟ ଦେଶର ଜନସଂଖ୍ୟାର ୬୫ ଭାଗ କୃଷକଙ୍କ ଜୀବିକା ବିପର୍ଯ୍ୟସ୍ତ ହେବ। ଏହାଦ୍ୱାରା ଦେଶରେ ଖାଦ୍ୟ ପଦାର୍ଥର କୃତ୍ରିମ ଅଭାବ ଦେଖାଦେଇପାରେ। ଏଣୁ ଏହାକୁ ତୁରନ୍ତ ବାତିଲ କରିବା ପାଇଁ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ରହ୍ମଗିରି ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବଟକୃଷ୍ଣ ସ୍ୱାଇଁ, ଅଶୋକ ସେଠି, ମୋହନ ନାଇଡୁ, ନିରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ବିଦ୍ୟାଧର ଭବନ ଉଦ୍‌ଘାଟିତ

ନିମାପଡ଼ା,୨୨।୧(ଡି.ଏନ୍.ଏ.): ନିମାପଡ଼ା ପତିତପାବନ ସେବା ସଂଘ ପକ୍ଷରୁ ଅନୁଷ୍ଠାନର ନିଜସ୍ୱ ଅନୁଦାନପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ‘ବିଦ୍ୟାଧର ଭବନ’ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଗଣ ଶିକ୍ଷାମନ୍ତ୍ରୀ ତଥା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ଆମ ଦେଶର ସମ୍ପଦ, ସମାଜରେ ସେମାନଙ୍କ ସମ୍ମାନର ସହ ବଞ୍ଚିବାର ଅଛି, ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଆମର ଦାୟିତ୍ୱ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଡା. ରଘୁନାଥ ମିଶ୍ର, ଦିଲୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପତିତପାବନ ସେବା ସଂଘର ବିଭିନ୍ନ ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ସଂଘ ସମ୍ପାଦକ ତଥା ଅଧ୍ୟାପକ ଜଗତ ପ୍ରସାଦ ସାବୁତ ଅଧ୍ୟକ୍ଷତା କରି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ‘ ବୟସ୍କ ନାଗରିକ ଓ ଭିନ୍ନକ୍ଷମଙ୍କ ପ୍ରତି ସମ୍ମାନ ପ୍ରଦାନ ଓ ଆମର ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶିକ୍ଷାବିତ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷୟିତ୍ରୀ, ଶିକ୍ଷକ, ବୟସ୍କ ନାଗରିକ, ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।


ଧାରଣା ଦେଇଥିବା ଗ୍ରାମବାସୀଙ୍କୁ ଜଣେ ଅଧିକାରୀ ବୁଝାଶୁଝା କରୁଛନ୍ତି।

## ଆଶାକର୍ମୀ ନିଯୁକ୍ତି ପ୍ରତିବାଦରେ ଧାରଣା

କଣାସ,୨୨।୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ବିନ୍ଧଣ ପଞ୍ଚାୟତର ସାନବିନ୍ଧଣ ଗ୍ରାମରେ ଆଶାକର୍ମୀ ନିଯୁକ୍ତିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ପୁନଶ୍ଚ ବିଚାର କରି ଆଶାକର୍ମୀ ନିଯୁକ୍ତି ଦେବାକୁ ଦାବିକରି ଆସୁଥିଲେ। ଗ୍ରାମବାସୀଙ୍କ ଏହି ଅଭିଯୋଗକୁ ୭ଦିନରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବିଚାର କରା ନ ଯିବାରୁ ଶୁକ୍ରବାର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିବାଦ କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଧାରଣା ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ସୌଭାଗ୍ୟ ଜେନା ଅନୁପସ୍ଥିତ ଥିବାରୁ ଦୀର୍ଘ ସମୟଧରି ଗ୍ରାମବାସୀ ଧାରଣାରେ ବସିରହିଥିଲେ। ପରେ ଭାରପ୍ରାପ୍ତ ଅଧିକାରୀଙ୍କଠାରୁ ନିର୍ଦ୍ଦେଶ ପାଇ ବିପିଓ ଧନେଶ୍ୱର ସ୍ୱାଇଁ ଧାରଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହିଅଭିଯୋଗକୁ ପୁରୀ ମୁଖ୍ୟ ଚିକିତ୍ସକଙ୍କୁ ଜଣାଇବା ସହ ନିଯୁକ୍ତି ଦିଆଯାଇଥିବା ଆଶାକର୍ମୀ ସମ୍ପର୍କରେ ପୁନର୍ବାର ଗ୍ରାମ ବୈଠକ ବସି ଆଲୋଚନା କରାଯିବ ବୋଲି ଏକ ପତ୍ର ଧାରଣାକାରୀଙ୍କୁ ଦେବାସହ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବର ୨୩ରେ ପଞ୍ଚାୟତରେ ଏକ ବୈଠକ କରି ଆଶାକର୍ମୀ ନିଯୁକ୍ତି ନେଇ ଆଲୋଚନା କରାଯାଇଥିଲା। ଏଥିରେ ୩ଜଣ ମହିଳା ଆବେଦନ କରିଥିବାବେଳେ ନିଯୁକ୍ତିଦାତାମାନେ ଗ୍ରାମର ସସ୍ମିତା ମିଶ୍ରଙ୍କୁ ଆଶାକର୍ମୀ ଭାବେ ମନୋନୀତ କରିଥିଲେ। ହେଲେ ଗ୍ରାମବାସୀ କୌଣସି କାରଣକୁ ନେଇ ଏହି ନିଯୁକ୍ତକୁ ବିରୋଧ କରି ଉକ୍ତ ମହିଳାଙ୍କୁ ଆଶାକର୍ମୀ ଭାବେ ନ ରଖିବା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀଙ୍କୁ ଦାବି କରିଥିଲେ। ଏପରିକି ମହିଳାଙ୍କୁ ନ ହଟାଇଲେ ୨୨ତାରିଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।

## ସଡ଼କ ସୁରକ୍ଷା ସଚେତନତା କଲେ ଛାତ୍ରୀଛାତ୍ର

କୋଣାର୍କ,୨୨।୧(ଡି.ଏନ୍.ଏ.)

କୋଣାର୍କରେ ଜାତୀୟ ସଡ଼କ ସୁରକ୍ଷା ମାସ ଶୁକ୍ରବାର ପାଳନ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କୋଣାର୍କ ଭଗବତୀ ମହାବିଦ୍ୟାଳୟର ଏନ୍ଏସ୍ଏସ୍, ରେଡକ୍ରସ ଓ ଏନ୍‌ସିସି ଛାତ୍ରୀଛାତ୍ର, ନେହେରୁ ଯୁବକେନ୍ଦ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ନୂଆଗାଁର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାକୁ ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ମିଶ୍ର, କୋଣାର୍କ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ପ୍ଲାକାର୍ଡ ଧରି ବଜାର ପରିକ୍ରମା କରି ଲୋକଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ। ସର୍ବଦା ହେଲ୍‌ମେଟ୍ ପିନ୍ଧି ଗାଡି ଚଳାଇବା, ଦ୍ରୁତଗତିରେ ଗାଡି ନ ଚଳାଇବା, ଗାଡି ଚଳାଇବାବେଳେ ମୋବାଇଲ ବ୍ୟବହାର ନ କରିବା, ନିଶା ସେବନ କରି ଗାଡ଼ି ନ ଚଳାଇବା, ସ୍କୁଲ ଓ କଲେଜ ରାସ୍ତାରେ ଧୀରେ ଗାଡ଼ି ନେବା, ରାସ୍ତା ନିୟମ ପାଳନ କରନ୍ତୁ ଦୁର୍ଘଟଣା ଏଡାନ୍ତୁ, ଟ୍ରାଫିକ ନିୟମ ମାନିବା ଆଦି ସମ୍ପର୍କରେ କହିଥିଲେ। ଏଥିରେ ଲ୍ୟୁଟନାଣ୍ଟ ବିନୟ ଭୂଷଣ ମହାନ୍ତି, ଆଞ୍ଚଳିକ କାର୍ଯ୍ୟାଳୟ ଏସ୍ଆଇ ଶାନ୍ତନୁ ପାତ୍ର, ନିରୂପମା ତରାଇ, ପୁରାତନ ଛାତ୍ର ହୃଦାନନ୍ଦ ସେଠୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## କଲ୍ ରେକର୍ଡ ଭାଇରାଲ୍ ପରେ କାର୍ଯ୍ୟାନୁଷ୍ଠାନ ଦାବି

### ନିର୍ଦ୍ଦିଷ୍ଟ ଦଳ ପାଇଁ କାମ କରୁଛନ୍ତି ବିଡିଓ: ଭାଜପା



ସମ୍ମିଳନୀରେ ଉପସ୍ଥିତ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ବିଧାୟକ ଓ ଅନ୍ୟମାନେ।

ପୁରୀ ଅଫିସ,୨୨।୧

ଗୋପ ବ୍ଲକ ବିଡିଓଙ୍କ ବିବାଦୀୟ କଲ୍ ରେକର୍ଡିଂ ସାମାଜିକ ଗଣମାଧ୍ୟମରେ ପ୍ରସାର ହେବା ପରେ ଏନେଇ ଜିଲା ଭାଜପା ପକ୍ଷରୁ ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ୭୨ଘଣ୍ଟା ମଧ୍ୟରେ ବିଡିଓଙ୍କୁ ଅପସାରଣ କରା ନ ଗଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଚେତାବନୀ ଦେଇଛନ୍ତି। ଶୁକ୍ରବାର ପୁରୀ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଗୋପ ବିଡିଓ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରିବା କଥା କହି ନିଜ ଗରିମା ହାନି କରିବା ସହ ଅନ୍ୟ ଦଳ ସହ ପାତରଅନ୍ତର କରିଛନ୍ତି। ଭାଜପା ସମର୍ଥିତ ସରପଞ୍ଚଙ୍କ ଉପରେ ଆକ୍ରୋଶମୂଳ ଭାବେ ଟିପ୍ପଣୀ ଦେବା ସହ ପ୍ରତିହିଂସା ପରାୟଣ ହେଉଛନ୍ତି। ମହିଳା ସରପଞ୍ଚଙ୍କ ସ୍ୱାମୀଙ୍କୁ ବିଡିଓ ଅଙ୍ଗୁଳି ଦେଖାଇ ବାହାରକୁ ଯିବା ପାଇଁ କହିବା ସହ ଅମାନବୀୟ ବ୍ୟବହାର କରିଛନ୍ତି। ବ୍ୟକ୍ତିଗତ ଭାବେ କାହାରିକୁ ଅପମାନ କରିବାର ଅଧିକାର ବିଡିଓର ନାହିଁ। ତାଙ୍କ ନିକଟରେ ସୌଜନ୍ୟତାର ଅଭାବ ରହିଛି। ଏଣୁ ୭୨ ଘଣ୍ଟା ମଧ୍ୟରେ ବିଡିଓଙ୍କୁ ଅପସାରଣ କରା ନ ଗଲେ ଗୋପ ବ୍ଲକର ସମସ୍ତ ୩୧ଟି ପଞ୍ଚାୟତରେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ପୁରୀ ଭାଜପା ପକ୍ଷରୁ କୁହାଯାଇଛି। ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପ୍ରଭଞ୍ଜନ ମହାପାତ୍ର, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଅନୁଧ୍ୟାନ କଲେ ୪ ଜିଲାର ଯନ୍ତ୍ରୀ

ଡେଲାଙ୍ଗ,୨୨।୧(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକରେ ଚାଲିଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟକୁ ଶୁକ୍ରବାର ୪ ଜିଲାର ନିର୍ବାହୀ ଯନ୍ତ୍ରୀମାନେ ଅନୁଧ୍ୟାନ କରୁଛନ୍ତି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଅକ୍ଷୟ ଜେନା ଓ ପୁରୀ, ଗଞ୍ଜାମ, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲାର ନିର୍ବାହୀ ଯନ୍ତ୍ରୀ ଯଥାକ୍ରମେ ବିମଳ ତିରିଆ, ସଂଜୟ ରଥ, ଏସ୍.ଏନ୍. ଶତପଥୀ ଓ ପ୍ରଦୋଷ କୁମାର ଦାଶଙ୍କ ସମେତ ୪୦ଜଣ କନିଷ୍ଠ ଯନ୍ତ୍ରୀ ବ୍ଲକ୍‌ର ଚାଇଁପୁର ପଞ୍ଚାୟତରେ ଚାଲିଥିବା ୩ଟି ପ୍ରକଳ୍ପକୁ ବୁଲି ଦେଖିଛନ୍ତି। ଚାଇଁପୁର ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା ଗତ ଡିସେମ୍ବର ୨୮ରୁ ସଡ଼ାଙ୍ଗୋଇ ଖମାର ସାହିରୁ ଗରୁଡ଼ମାଳ ସଂଯୋଗ ରାସ୍ତା, ରତାପଡ଼ା ମନ୍ଦିରଠାରୁ ବଡ଼ପୋଖରୀ ପର୍ଯ୍ୟନ୍ତ ରାସ୍ତା ଓ ଚାଇଁପୁର ଶ୍ମଶାନ ରାସ୍ତା ନିର୍ମାଣ କାମ ଚାଲିଥିବାବେଳେ ଶ୍ରମିକମାନେ ଅସନ୍ତୋଷ ହୋଇ କାର୍ଯ୍ୟ କରୁଛନ୍ତି। ଯନ୍ତ୍ରୀମାନେ ସମୀକ୍ଷା ବେଳେ ୧୪୦ଜଣ ଶ୍ରମିକ ନିୟୋଜିତ ଥିଲେ। ୩ ସପ୍ତାହ କାମ କରିବା ପରେ କୌଣସି ମଜୁରି ପାଇ ନ ଥିବାରୁ ଶତାଧିକ ଶ୍ରମିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ କାମକୁ ନ ଆସି ଅନ୍ୟ କାମକୁ ଯାଉଥିଲେ। ଏହାସହ ଦୈନିକ ୨୦୭ ଟଙ୍କା ମଜୁରିରେ ମାଟି କାମ କରିବାକୁ ଶ୍ରମିକମାନେ ଅନିଚ୍ଛା ପ୍ରକାଶ କରୁଥିବା ସରପଞ୍ଚ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ଶ୍ରମିକଙ୍କ ସାପ୍ତାହିକ ମଜୁରି ପ୍ରଦାନ ଓ ମଜୁରି ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଏପରିକି ମଜୁରି ହାର ବୃଦ୍ଧି ନ କରାଗଲେ ଶ୍ରମିକମାନେ କାମ କରିବାକୁ ଆସିବେ ନାହିଁ ବୋଲି ସରପଞ୍ଚ ପରିଡ଼ା କହିଥିଲେ। ଏ ନେଇ ଯନ୍ତ୍ରୀମାନେ ପ୍ରଶାସନ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଯନ୍ତ୍ରୀଙ୍କ ସହ ଇଞ୍ଜିନିୟରିଂ ପ୍ରାଧ୍ୟାପକ ଫାଲଗୁନୀ ବଳିୟାରସିଂହ, ଦେବ ପ୍ରକାଶ ଶତପଥୀ, ପି.କେ. ପାଢ଼ୀ ସହଯୋଗ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ବିଡିଓ କ୍ଷୀରୋଦ୍ର ପ୍ରଧାନ, ଯନ୍ତ୍ରୀ ବିଶ୍ୱମୋହନ ପଟ୍ଟନାୟକ, ଜଗନ୍ନାଥ ରାଉତ, ଚିତ୍ରୋତ୍ପଳା ନାୟକ, ଆରତୀ ବିଶ୍ୱାଳ ସ୍ୱାଗତ କରିଥିଲେ।

## ଗୋପବନ୍ଧୁ ଜନ୍ମପୀଠ ପରିଦର୍ଶନ କଲେ ଜିଲାପାଳ

ସାକ୍ଷୀଗୋପାଳ,୨୨।୧ (ସ୍ୱ.ପ୍ର./ଡି.ଏନ୍.ଏ.)

ପୁରୀ ଜିଲାପାଳ ସମର୍ଥ ବର୍ମା ଶୁକ୍ରବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ସତ୍ୟବାଦୀର ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରିଛନ୍ତି। ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଷଠିଘରେ ଉତ୍କଳମଣିଙ୍କ ବ୍ୟବହୃତ ଗରା, ଢ଼ାଲ, ଖଟ ଓ ଠାକୁରଙ୍କ ନିକଟରେ ପୂଜାପାଉଥିବା ଭାଗବତ ପୋଥି ବୁଲି ଦେଖିଥିଲେ। ପୁଣ୍ୟାତ୍ମାଙ୍କ ଷଠିଘରକୁ ଜାତୀୟ ସ୍ମୃତି ଉଦ୍ଦେଶ୍ୟରେ ସଂରକ୍ଷଣ ଓ ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ କରାଯାଇଥିବା ଯୋଜନାର ଅଗ୍ରଗତି ନେଇ ଜିଲାପାଳ ଉପସ୍ଥିତ ଯନ୍ତ୍ରୀ, ଅଧିକାରୀ, ଗ୍ରାମବାସୀ ଓ ଗୋପବନ୍ଧୁଙ୍କ ଆତ୍ମୀୟମାନଙ୍କ ସହ ଆଲୋଚନା କରିଥିଲେ। ପଟ୍ଟନାୟିକିଆ ଛକଠାରୁ ବଳପୁର ରାସ୍ତା ପ୍ରଶସ୍ତୀକରଣର ଅଗ୍ରଗତି, ଭାର୍ଗବୀ ନଦୀରେ ସୁଆଣ୍ଡୋ ସେତୁ ଠାରୁ ନଦୀ ଓ କେନାଲବନ୍ଧ ରାସ୍ତା କାମ, ଉଜ୍ଜ୍ୱଳ ଆଲୋକ, ସଂଗ୍ରହାଳୟ, ପାଠାଗାର, ଗ୍ରାମ ଠାକୁରଙ୍କ ମନ୍ଦିର ପୁନଃନିର୍ମାଣ ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ। ରାଜ୍ୟ ସେତୁ ନିଗମର ଇଞ୍ଜିନିୟରଙ୍କ ସହ ପୁରୀ ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ଗିରୀଶ ଚନ୍ଦ୍ର ରାୟ ଓ ଉପନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବକୁଳବନର ପୁନରୁଦ୍ଧାର ପାଇଁ ଶପଥ

ସାକ୍ଷୀଗୋପାଳ,୨୨।୧(ସ୍ୱ.ପ୍ର./ଡି.ଏନ୍.ଏ.)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ସତୀର୍ଥମାନଙ୍କ ଦ୍ୱାରା ନିର୍ମିତ ମଣିଷ ତିଆରି କାରଖାନା, ସେବା, ସଂସ୍କାର ଓ ସାହିତ୍ୟ ସାଧନାରେ ପରିପୁଷ୍ଟ ଓଡ଼ିଶାର ଅନ୍ୟତମ ଐତିହାସିକ ପୀଠ ସତ୍ୟବାଦୀସ୍ଥିତ ବକୁଳବନର ହଜିଲା ସ୍ମୃତିକୁ ଫେରାଇ ଆଣିବାକୁ ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର ଆଗେଇ ଆସିଛନ୍ତି। ପ୍ରାକୃତିକ ବିପ୍ୟାତ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ବିନା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ଐତିହ୍ୟ ପୀଠକୁ ସଫା ରଖିବା ସହ ବକୁଳବନର ପରିଚୟ ବଉଳ, ଛୁରିଅନା ଓ ଅନ୍ୟ ଔଷଧୀୟ ଚାରାରୋପଣ କରିବାକୁ ଶୁକ୍ରବାର ବକୁଳବନ ମୁକ୍ତକାଶ ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ ସବ୍ୟସାଚୀଙ୍କ ସହିତ ଉପସ୍ଥିତ ଅତିଥି, ଯୁବ ଛାତ୍ର ଓ ବୁଦ୍ଧିଜୀବୀମାନେ ଶପଥ ନେଇଛନ୍ତି। ସମ୍ମାନିତ ଅତିଥି ଭାବେ ରାଧାବଲ୍ଲଭ ମଠାଧୀଶ ମହନ୍ତ ରାମକୃଷ୍ଣ


ସଭାରେ ଅଭିନେତା ସବ୍ୟସାଚୀଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ଦାସ ମହାରାଜ, ଗଙ୍ଗାମାତା ମଠାଧୀଶ ମହନ୍ତ ବଳରାମ ଦାସ ମହାରାଜ, ଇଂଲଣ୍ଡ ଜଗନ୍ନାଥ ମନ୍ଦିର ସଭାପତି ସୁକାନ୍ତ କୁମାର ସାହୁ, ଡା. ସିଦ୍ଧାର୍ଥ ସାହୁ, ଡ. ସଞ୍ଜୟ ଶତପଥୀ, ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଭାପତି ପଣ୍ଡିତ ବିଶ୍ୱନାଥ ମିଶ୍ର, ଡା. ଦେବ ଦାଶ, ଗୋବର୍ଦ୍ଧନ ପୀଠର ଜାତୀୟ ସାଧାରଣ ସମ୍ପାଦକ ମାତୃପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପରେ ସବ୍ୟସାଚୀ ଅତିଥିଙ୍କ ସହ ଚାରାରୋପଣ କରିଥିଲେ। ପରେ ବକୁଳବନରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଚାରାରୋପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଯୁବ ସ୍ୱେଚ୍ଛାସେବୀ, ମନ୍ଦିର ସେବାୟତ, ଡାକ୍ତର ଓ ବିଭିନ୍ନ ଅନୁଷ୍ଠାନକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ମାଇଲ ଫ୍ଲିଜ, ଇଂଲଣ୍ଡର ଶ୍ରୀଜଗନ୍ନାଥ ସଂସ୍ଥା, କ୍ଲବ ସତ୍ୟବାଦୀ, ଗରିବର ସାଥୀ, ସାହିଭାଇ ଆଦି ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ଥିଲେ।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ**

ODISHA ADARSHA VIDYALAYA

ନ-୧/୯, ନୟାପଲ୍ଲୀ, ପୋ: ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ଫୋନ ନଂ. ୦୬୭୪-୨୩୦୧୩୨୪, Email- info@oav.edu.in

**ବିଜ୍ଞାପନ**

No. n-33:- ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ୨୫୦ ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବ୍ୟାଧ୍ୟାୟୀ (Day Scholar) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ ।

ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ । **ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୨୦.୦୨.୨୦୨୧।**

ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ୍‌ସାଇଟ୍‌ରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ/ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । **ଉକ୍ତ ପ୍ରବେଶିକା ପରୀକ୍ଷା, ତା.୦୮.୦୩.୨୦୨୧ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ ।** ଏତଦ୍‌ବ୍ୟତୀତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry)ର ମଧ୍ୟ ବ୍ୟବସ୍ଥା ରହିଛି । ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ଫର୍ମ ମଧ୍ୟ ୱେବସାଇଟରେ ଉପଲବ୍ଧ ଅଛି । ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ **www.oav.edu.in**ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ଜାତିଗତ ପ୍ରମାଣପତ୍ର ସହ ଆବେଦନ କରିପାରିବେ । ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା ୨୫୦ ଗୋଟି ବିଦ୍ୟାଳୟର ତାଲିକା ୱେବସାଇଟ୍‌ରେ ଉପଲବ୍ଧ ଅଟେ । ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଅଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ୫୦ ଗୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ରହିଥିବା ଆବାସିକ ବ୍ୟବସ୍ଥାର ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ ।

ସ୍ୱାକ୍ଷର
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

OIPR-27029/11/0003/2021